ଓଡ଼ିଶାର ପ୍ରଥମ ଦୈନିକ ମଧ୍ୟାହ୍ନ ଖବରକାଗଜ
RNI NO - ORIORI/2006/19548
Visit us at : www.amarajdhani.com
ଆମ ରାଜଧାନୀ
Rs.4.00
Odisha's First Mid-Day Daily
ବର୍ଷ: ୧୯, ସଂଖ୍ୟା-୩୦, ଭୁବନେଶ୍ୱର, ୫.୪.୨୦୨୫, ଶନିବାର Vol- XIX, Issue-30 Bhubaneswar, Dt 5.4.2025, Saturday

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ବାପାମାଆ ମୃତ, ପୁଅ ଗୁରୁତର

ଯାଜପୁର: ଯାଜପୁର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସୋତି ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । କୁଆଖିଆରୁ ପାଣିକୋଇଲି ଯାଉଥିବା ବେଳେ ଦୁର୍ଘଟଣା ଘଟିଛି । ଅଜଣା ଗାଡ଼ି ଧକ୍କାରେ ବାପାମାଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଶିଶୁପୁତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ଶିଶୁକୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି: ଆବେଦନ ତାରିଖ ନୁହେଁ; ମୃତ୍ୟୁ ତାରିଖ ବିଚାରଯୋଗ୍ୟ

ଭୁବନେଶ୍ୱର: ସରକାରୀ କ୍ଷେତ୍ରରେ ଅନୁକମ୍ପାମୂଳକ ନିଯୁକ୍ତିରେ ଆବେଦନ ତାରିଖ ବଦଳରେ ମୃତ୍ୟୁ ତାରିଖ ବିଚାରକୁ ନିଆଯିବ । ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ ୨୦୧୬ ଲାଗୁ ହେବା ପରେ ଏବଂ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ ୨୦୨୦ ଲାଗୁ ହେବା ପୂର୍ବରୁ ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଆବଶ୍ୟକ । ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୧,୯୧,୦୦୦ ଟଙ୍କା (ପରିବାର ପେନସନ୍‌କୁ ଛାଡ଼ି)ରୁ ଅଧିକ ହୋଇନଥିବା ଆବଶ୍ୟକ । ଆଜି ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିୟମ ଲାଗୁ ହେବା ଫଳରେ ଅନୁକମ୍ପା ନିଯୁକ୍ତିକୁ ନେଇ ନ୍ୟାୟାଳୟରେ ବିଚାରାଧୀନ ଥିବା ଶତାଧିକ ମାମଲାର ପରିସମାପ୍ତି ଘଟିବ ବୋଲି କୁହାଯାଇଛି । ଏହି ନୂଆ ନିୟମ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ-୨୦୨୫ ଭାବେ ଜଣାଯିବ । ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ପ୍ରକ୍ରିୟାକୁ ସରଳ କରିବା ଲାଗି ମାର୍ଚ୍ଚ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା । ବିଭାଗ ପକ୍ଷରୁ କୁହାଯାଇଛି ଯେ, ୨୦୨୦ରେ ଏହି ନିୟମ ଲାଗୁ ହେବା ତାରିଖ ପୂର୍ବରୁ ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ । ୨୦୨୦ ମସିହା ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ । ୨୦୧୬ ପୂର୍ବରୁ ଯେଉଁ ମୃତ କର୍ମଚାରୀଙ୍କ ପରିବାର ସଦସ୍ୟ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ଅସହାୟ ପ୍ରମାଣ ପତ୍ର ଦେଇଥିବେ ସେମାନଙ୍କୁ ଆଉ ତାହା ଦାଖଲ କରିବା ଆବଶ୍ୟକ ନାହିଁ । କିନ୍ତୁ ୨୦୧୬ରୁ ୨୦୨୦ ମଧ୍ୟରେ ମୃତ୍ୟୁ ପାଇଁ ନିଯୁକ୍ତି ଆବେଦନ କରିଥିଲେ ଜିଲ୍ଲାପାଳଙ୍କ ଠାରୁ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ ହେବ । ଗେଜେଟ ପ୍ରକାଶ ଦିନ ଠାରୁ ଏହି ଅନୁକମ୍ପା ନିଯୁକ୍ତି ନିୟମ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି ।

# ଆଜି ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା



ଭୁବନେଶ୍ୱର: ଆଜି ଅଶୋକଷ୍ଟମୀରେ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ।ଚଳଚଞ୍ଚଳ ଭୁବନେଶ୍ୱର ଏକାମ୍ର କ୍ଷେତ୍ର । ରଥରେ ଚଢି ମାଉସୀମା ଘରକୁ ଯିବେ ବାବା ଲିଙ୍ଗରାଜ । ମହାପ୍ରଭୁ ଲିଙ୍ଗରାଜଙ୍କ ସହିତ ଦୋଳଗୋବିନ୍ଦ ଓ ଭଉଣୀ ରୁକୁଣା ରଥରେ ବିଜେ କରିବେ ।ମନ୍ଦିର ପ୍ରଶାସନ ପକ୍ଷରୁ ବାବା ଲିଙ୍ଗରାଜଙ୍କ ନିତୀନିର୍ଘଣ୍ଟ କରାଯାଇଛି । ଶନିବାର ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହେବ । ରୁକୁଣା ରଥଯାତ୍ରାର ନିତୀକାନ୍ତି ବିଳମ୍ବ ନ ହେବ ସେ ନେଇ ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ଶନିବାର ଭୋର ୫ଟାରୁ ମଙ୍ଗଳ ଆଳତୀ ଓ ଅବକାଶ ନୀତି ହେବ । ଭୋର ୫ଟା ୩୦ ମିନିଟରେ ସାହାଣମେଳା ଦର୍ଶନ କରିବେ ଶ୍ରଦ୍ଧାଳୁ । ସକାଳ ୬ଟା ୩୦ ମନିଟରେ ଛାମୁ ପରିସ୍କାର, ସକାଳ ୭ଟାରେ ମହାସ୍ନାନ ଓ ବେଶ ଓ ସୂର୍ଯ୍ୟାପୂଜା ନୀତି । ସକାଳ ୮ଟାରେ ଶ୍ରୀଜୀଉଙ୍କ ବଲ୍ଲଭ ନୀତି ଓ ସକାଳ ଧୂପ ଅନୁଷ୍ଠିତ ହେବ । ଅପରାହ୍ନ ୧୨ଟା ୩୦ରୁ ପହଣ୍ଡି ବିଜେ ଓ ରଥାରୁଢ଼ କରିବେ ଶ୍ରୀଜୀଉ । ଅପରାହ୍ନ ଗୋଟାଏ ୩୦ ମିନିଟରେ ରଥରେ ପୂଜା ଓ ଅପରାହ୍ନ ୩ଟା ୩୦ରେ ରଥ ଟଣା ଆରମ୍ଭ ହେବ । ଚଳିତ ବର୍ଷ ମହାପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥ ପାଇଁ ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଡିସିପି ଜଗମୋହନ ମିନା, ଟ୍ରାଫିକ ଡିସିପି ତପନ ମହାନ୍ତିଙ୍କ ନେତୃତ୍ୱରେ ଟ୍ରାଫିକ ବ୍ୟବସ୍ଥା ଓ ପାର୍କିଂ ସୁବିଧା କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଦୁଇ ଡିସିପିଙ୍କ ନେତୃତ୍ୱରେ ୩ ଜଣ ଅତିରିକ୍ତ ଡିସିପି, ୫ ଏସିପି, ୧୨ଜଣ ଇନ୍ସପେକ୍ଟର, ୫୫ଜଣ ସବ ଇନ୍ସପେକ୍ଟର ସମେତ ୧୬ ପ୍ଲାଟୁନ ଫୋର୍ସ ଓ ୮୫ ଜଣ ହୋମଗାର୍ଡ ନିୟୋଜିତ କରାଯାଇଛି ।

# ଶିମିଳିପାଳରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ



ବାରିପଦା: ଆଜିଠାରୁ ସର୍ବଭାରତୀୟ ସ୍ତରରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ । ଶିମିଳିପାଳରେ ମଧ୍ୟ ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି । ବନବିଭାଗ ପକ୍ଷରୁ ଏଥିପାଇଁ ଡିଡି, ଡିଏଫ୍‌ଓ, ଏସିଏଫ୍ ଏବଂ ଡବ୍ଲ୍ୟୁଆଇଆଇ ଟିମ୍ ସହ ୮ଟି ଟିମରେ ୮୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଜଙ୍ଗଲରେ ବାଘର ପାଦଚିହ୍ନ, ଆମ୍ପୁଡ଼ା ଚିହ୍ନ ଓ ମଳମୂତ୍ରର ନମୁନାରୁ ବାଘ ଗଣତି କରିଯିବ । ଏଥିସହ ଶିମିଳିପାଳରେ ଲାଗିଥିବା ୩୦୦ରୁ ଅଧିକ ଟ୍ରାପ୍ କ୍ୟାମେରା ଓ ଏଆଇ କ୍ୟାମେରାର ସହଯୋଗ ମଧ୍ୟ ନିଆଯିବ ।ଏହି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟ ଦେଇ ବର୍ଷତମାମ ଚାଲିବ । ଏହା ପରେ ଏନ୍‌ଟିସିଏକୁ ରିପୋର୍ଟ ଦିଆଯିବ ଏବଂ ୨୦୨୬ରେ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଶିମିଳିପାଳ ଟାଇଗର ରିଜର୍ଭ (ଏସ୍‌ଟିଆର) କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗୀନେନି ସୂଚନା ଦେଇଛନ୍ତି ।

# 'ସସ୍ମିତ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ'

ନୂଆଦିଲ୍ଲୀ: ୱାକଫ୍ ବିଲ୍ ସପକ୍ଷରେ ସାଂସଦ ସସ୍ମିତ ପାତ୍ର ଭୋଟ ଦେଇଥିବା ଆଲୋଚନା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳର ତୁଙ୍ଗ ନେତାମାନେ ଦାବି କରିଛନ୍ତି । ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ବଦ୍ରି ପାତ୍ର, ପ୍ରତାପ ଜେନା ପ୍ରମୁଖ ଏହି ଦାବି କରି ଛନ୍ତି । ଶ୍ରୀ ସାମଲ ଓ ଶ୍ରୀ ଜେନା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସସ୍ମତା ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବାକୁ ଦାବି କରିଛନ୍ତି । ୱାକଫ ବିଲ୍ ବିରୋଧରେ ଭୋଟ ଦେବାକୁ ଦଳର ଆଭିମୁଖ୍ୟ ଥିଲା । କିନ୍ତୁ କିଛି ସପକ୍ଷରେ ଓ କିଛି ବିପକ୍ଷରେ ଭୋଟ ଦେଲେ । ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ମୋର ହୃଦବୋଧ ହେଉଛି । ଏହାର ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ସୂଚନାଯୋଗ୍ୟ, ବିଜେଡି ବିରୋଧ କରିବ ବୋଲି ଦଳ ବହୁ ଆଗରୁ ହୁଙ୍କାର ଦେଉଥିଲା । ଗତ ବର୍ଷ ସେପ୍ଟେମ୍ବର ମାସରେ ଶଙ୍ଖ ଭବନରେ ସଂଖ୍ୟାଲଘୁଙ୍କ ଏକ ବୈଠକରେ ୱାକଫ୍ ବିଲକୁ ବିଜେଡି ଜୋରଦାର ବିରୋଧ କରିବ ବୋଲି ନିଜେ ସଭାପତି ନବୀନ ପଟ୍ଟନାୟକ କହିଥିଲେ । ଦଳର ରାଜ୍ୟସଭା ନେତା ସସ୍ମିତ ପାତ୍ର ଓ ସଂଖ୍ୟାଲଘୁ ନେତା ତଥା ସାଂସଦ ମୁନା ଖାନ୍ ବି ବାରମ୍ବାର ବିଲ୍‌କୁ ବିରୋଧ କରିବା କଥା କହିଛନ୍ତି । ରାଜ୍ୟସଭାରେ ଆଲୋଚନାର ପୂର୍ବ ଦିନ ମଧ୍ୟ ସେହି କଥା ଦୋହରାଇଥିଲେ । କିନ୍ତୁ ଆଲୋଚନା ଦିନ ସକାଳୁ ସବୁ ଓଲଟପାଲଟ ହୋଇଗଲା । ନବୀନ ନିବାସରୁ ସସ୍ମିତଙ୍କ ପାଖକୁ କଲ୍ ଗଲା । ଦଳ ହ୍ୱିପ୍ ଜାରି କରିବ ନାହିଁ, ସାଂସଦମାନେ ନିଜ ନିଜ ବିବେକ ଅନୁଯାୟୀ ଭୋଟ୍ ଦେବାକୁ କୁହାଗଲା । ସାର ଏହା ଚାହୁଁଛନ୍ତି ବୋଲି କୁହାଗଲା । କିନ୍ତୁ ସାଂସଦମାନଙ୍କୁ ଅନ୍ୟ ବାଟରେ କୁହାଗଲା ଯେ ବିଲ୍ ସପକ୍ଷରେ ଭୋଟ୍ ଦେବା ପାଇଁ । ତେବେ ନବୀନ ଏହି କଲ୍ କରି ନଥିବାରୁ ସମସ୍ତେ ଦ୍ୱନ୍ଦ୍ୱରେ ରହିଲେ । ପୁନର୍ବାର କଲ୍ କରାଯାଇ କୁହାଗଲା ଯେ ଆଲୋଚନା ବେଳେ ମୁନା ଖାନ୍ ବିଲ୍ ବିରୋଧରେ କହିବେ । ବିଜେଡି ଦୁଇ ନାଆରେ ଗୋଡ଼ ଦେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଗଲା । ରାଜ୍ୟସଭାରେ ବିଜେଡିର ସମସ୍ତ ସାତ ସାଂସଦ ଉପସ୍ଥିତ ଥିଲେ । ଯଦିଓ ବିଲ୍ ସପକ୍ଷରେ ଭୋଟ୍ ଦେବାକୁ ବିଜେଡି ଉପରେ ଚାପ ପକାଯାଇଥିଲା, କିନ୍ତୁ ସାଂସଦମାନଙ୍କ ମତିଗତିରୁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ କିଛି ସ୍ପଷ୍ଟ କରିପାରିଲେ ନାହିଁ । ଦଳର ଏହି ଆଭିମୁଖ୍ୟକୁ ବିରୋଧ କରି ଦେବାଶିଷ ସାମନ୍ତରାୟ ଭୋଟ୍ ଗ୍ରହଣରେ ସାମିଲ ହେବେ ନାହିଁ କହି ରାଗି ସଂସଦ ପରିସରରୁ ଚାଲିଯାଇଥିଲେ । ରାତି ପ୍ରାୟ ୯ଟା ପରେ ଶ୍ରୀ ପାତ୍ର ଓ ଜଣେ କେନ୍ଦ୍ର ମନ୍ତ୍ରୀ ବିଜେଡି ସାଂସଦମାନଙ୍କୁ ସଂସଦ ପରିସରରେ ବୁଝାସୁଝା କରିଥିଲେ । ତାହା ପରେ ବି ବିଜେଡିର ସବୁ ସାଂସଦଙ୍କ ଭୋଟ୍ ବିଲ୍ ସପକ୍ଷରେ ପଡ଼ିନଥିଲା । ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ବିଲ୍ ସପକ୍ଷରେ ବିଜେଡିର ମାତ୍ର ଦୁଇ ଜଣ ସାଂସଦ ଭୋଟ୍ ଦେଇଥିଲେ ଏବଂ ଚାରି ଜଣ ବିପକ୍ଷରେ ଭୋଟ୍ ଦେଇଛନ୍ତି । ଦୁଇ ନାଆରେ ଗୋଡ଼ ଦେଇ କେନ୍ଦ୍ରରେ ଏନ୍‌ଡିଏ ଓ ୟୁପିଏକୁ ଖୁସି କରିବାକୁ ବିଜେଡି ଯେଉଁ ଉଦ୍ୟମ କରିଥିଲା, ତାହା ଆଦୌ ସଫଳ ହୋଇପାରି ନାହିଁ । ବରଂ ଉଭୟ ମହଲରେ ବିଜେଡି ଏକ ଅବିଶ୍ୱସନୀୟ ଦଳ ପାଲଟିଯାଇଛି । ବିଜେପିର ଚାପ ଓ କେନ୍ଦ୍ର ମନ୍ତ୍ରୀଙ୍କ ବୁଝାସୁଝା ସତ୍ତ୍ୱେ ସାଂସଦମାନଙ୍କ ସବୁ ଭୋଟ ବିଲ୍ ସପକ୍ଷରେ ଆସିଲା ନାହିଁ । ସେଥି ପାଇଁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ଅସନ୍ତୁଷ୍ଟ । ଅନ୍ୟ ପଟେ ବିଲ୍ ବିପକ୍ଷରେ ଭୋଟ୍ ଦେବାକୁ ହ୍ୱିପ୍ ଜାରି ନ କରିବାରୁ ବିଜେଡି ଏବେ ବି ଏନ୍‌ଡିଏର ଅଘୋଷିତ ସହଯୋଗୀ ଦଳ ହୋଇ ରହିଛି ବୋଲି ବିରୋଧୀ ଦଳମାନେ ଧରି ନେଇଛନ୍ତି ।

# ରାଜ୍ୟରେ ୧୧ରୁ 'ଆୟୁଷ୍ମାନ ଭାରତ', ଶୁଭାରମ୍ଭ କରିବେ ଜେପି ନଡ୍ଡା



ଭୁବନେଶ୍ୱର: ଆସନ୍ତା ୧୧ ତାରିଖରେ ରାଜ୍ୟରେ ଶୁଭାରମ୍ଭ ହେବ 'ଆୟୁଷ୍ମାନ ଭାରତ' ଯୋଜନା । କଟକସ୍ଥିତ ବାଲିଯାତ୍ରା ପଡ଼ିଆରେ ଏହି ଯୋଜନାର ଶୁଭାରମ୍ଭ ହେବ । ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀମାନେ ଉପସ୍ଥିତ ରହିବେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏହାର ଶୁଭାରମ୍ଭ କରିବେ । ସାଂସଦ ଓ ବିଧାୟକଙ୍କ ପାଇଁ ଆୟୋଜିତ ଏକ ପ୍ରଶିକ୍ଷଣ ଶିବିରକୁ ମଧ୍ୟ ସେ ସମ୍ବୋଧିତ କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି । ୧୦ ତାରିଖ ସନ୍ଧ୍ୟାରେ ଶ୍ରୀ ନଡ୍ଡା ଓଡ଼ିଶାରେ ପହଞ୍ଚିବେ । ୧୧ ତାରିଖରେ 'ଆୟୁଷ୍ମାନ ଭାରତ' ଯୋଜନାର ଶୁଭାରମ୍ଭ କରିବେ । ପରେ ଦଳୀୟ ବୈଠକରେ ସାମିଲ ହେବେ । ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାଂସଦ ଓ ବିଧାୟକଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ଗୁରୁମନ୍ତ୍ର ଦେବେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି ସୂଚନା ଦେଇଛନ୍ତି । ୧୨ ତାରିଖ ସନ୍ଧ୍ୟାରେ ଶ୍ରୀ ନଡ୍ଡା ଦିଲ୍ଲୀ ଫେରିଯିବେ ।

ଦୀର୍ଘବର୍ଷର ଅପେକ୍ଷା ପରେ ଏହି ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ଯୋଜନା ରାଜ୍ୟରେ ଲାଗୁ ହେବାକୁ ଯାଉଛି । ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ ହେବ । ଉଭୟ ସ୍ୱାସ୍ଥ୍ୟ ଯୋଜନାରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେବେ । ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର କ୍ୟାସଲେସ୍ ? ଚିକିତ୍ସା ସୁବିଧା ମିଳିବ । ଦେଶର ୨୯ ହଜାର ଘରୋଇ ଓ ସରକାରୀ ହସ୍ପିଟାଲରେ ଏହି ଯୋଜନାରେ ଚିକିତ୍ସା ସୁବିଧା ମିଳିପାରିବ । ଦୁଇ ଯୋଜନା ଲାଗୁ ହେବା ପରେ ଆଉ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ଯୋଡ଼ି ହେବେ । ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ଲାଗୁ କରାଯିବ । ସେମାନଙ୍କ ପରିବାରକୁ ସର୍ବାଧିକ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ । ଯୋଜନା ଶୁଭାରମ୍ଭ ପାଇଁ ରାଜ୍ୟର ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ । ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା ଅଭିଯାନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି । ସରକାରୀ ଡାକ୍ତରଖାନାରେ ସବୁ ନାଗରିକଙ୍କ ପାଇଁ ମାଗଣା ଚିକିତ୍ସା ସେବା ମିଳିବ । ଏପ୍ରିଲରୁ ଏହି ଯୋଜନା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଏକ ସଭାରେ ଘୋଷଣା କରିଥିଲେ । ରାଜ୍ୟରେ ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ପାଇଁ ଗତ ଜାନୁଆରୀ ୧୩ ତାରିଖରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିଥିଲେ ।

# କଂଗ୍ରେସର ୩୫ ସାଙ୍ଗଠନିକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ



ଭୁବନେଶ୍ୱର: ଆଗାମୀ ଦିନରେ ରାଜ୍ୟ କଂଗ୍ରେସର ବିକ୍ଷୋଭ ଓ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସ ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି । ଅନୁଗୁଳ ଜିଲ୍ଲା ଲଲାଟେନ୍ଦୁ ଦାସ ଓ ଅନିମା ମିଞ୍ଜ, ବାଲେଶ୍ୱର ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼ ଘାସରାମ ମାଝୀ ଓ ଫାରୁକ ମହମ୍ମଦ, ଭଦ୍ରକ ଜାନକୀ ବଲ୍ଲଭ ପଟ୍ଟନାୟକ, ମୟୂରଭଞ୍ଜ ଅଜିତ ଜେନା, ଭୁବନେଶ୍ୱର ଦେବାଶିଷ ପଟ୍ଟନାୟକ, ବଲାଙ୍ଗୀର ନୀଳମାଧବ ହିକକା ଓ ମନୋଜ ବିଶ୍ୱାଳ, ବୌଦ୍ଧ ସଂଗ୍ରାମ କେଶରୀ ମହାନ୍ତି, କଟକ ଲଲାଟେନ୍ଦୁ ମହାପାତ୍ର, କଟକ ସିଟି ମନୋଜ ଜେନା ଓ ହିମାଂଶୁ ଲେଙ୍କା, ଦେବଗଡ଼ ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ(ପୂର୍ବ) ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ ଦାସ, ଗଞ୍ଜାମ(ପଶ୍ଚିମ) ଅଭିମନ୍ୟୁ ବେହେରା ଓ ବିଜୟ ପ୍ରଧାନ, ଗଜପତି ଦୁର୍ଗା ପଣ୍ଡା, ଜଗତସିଂହପୁର ରାଜକିଶୋର ବାରିକ ଓ ସିଦ୍ଧାର୍ଥ ମହାନ୍ତି, ଯାଜପୁର ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି ମନୋରଂଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ ବିଧାୟକ ରମେଶ ଜେନା, କେନ୍ଦ୍ରାପଡ଼ା ଶାନ୍ତାୟନ ମିଶ୍ର, କେନ୍ଦୁଝର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ ବିଧାୟକ ସତ୍ୟଜିତ ଗମାଙ୍ଗୋ, ମୟୂରଭଞ୍ଜ ପୂର୍ବ ଯଶବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୂରଭଞ୍ଜ ପଶ୍ଚିମ ନଳିନୀ ମହାନ୍ତି, ମାଲକାନଗିରି ବିଧାୟକ ପବିତ୍ର ସାଉଁତା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର ବଳଭଦ୍ର ମାଝୀ ଓ ପୁରୁଷୋତ୍ତମ ଗୁପ୍ତା, ନୂଆପଡ଼ା ମୁରଲିଧର ନାୟକ, ନୟାଗଡ଼ ଅମୀୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ ମନୋରଂଜନ ଦାଶ ଓ ମନୋରଂଜନ ପଟ୍ଟନାୟକ, ରାୟଗଡ଼ା ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା ରାଜକିଶୋର ଷଡ଼ଙ୍ଗୀ, ସମ୍ବଲପୁର ସନ୍ତୋଷ ସିଂହ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର ରତିକାନ୍ତ କାନୁନ୍ ?ଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼ ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ଥିବା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି ।

CMYK

ଆମ ରାଜଧାନୀ

## ସମ୍ପାଦକୀୟ...

# ବିଜେଡ଼ି ସଙ୍କଟକୁ ନିମନ୍ତ୍ରଣ କରିଛି

ଗତବର୍ଷ ରାଜ୍ୟରେ ହୋଇଥିବା ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡ଼ି ଯେପରି ଭାବରେ ରାଜନୈତିକ ଦୃଷ୍ଟିରୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନପାରି ଶେଷ ପର୍ଯ୍ୟନ୍ତ ବିଜେପି ସହିତ ନିର୍ବାଚନ ବୁଝାମଣା ପାଇଁ ଉଦ୍ୟମ କରିଥିଲେ ଓ ଶେଷରେ ସେହି ମେଂଟ ନହେବାରୁ ବାଧ୍ୟହୋଇ ପ୍ରତିଦ୍ୱନ୍ଦିତା ରାଜନୀତିକୁ ଆସି ୨୪ ବର୍ଷପରେ କ୍ଷମତାଚ୍ୟୁତ ହୋଇଥିଲେ ଏବେ ସେହିପରି ଆଉ ଗୋଟିଏ ସଂକଟ ବିଜେଡ଼ିକୁ ଗ୍ରାସ କରିଛି। ୱାକଫ୍ ସଂଶୋଧନ ବିଲ୍ ସଂକ୍ରାନ୍ତରେ ଦଳ ପକ୍ଷରୁ ଏହାର ବିରୋଧ କରାଯିବା ପାଇଁ ପ୍ରଥମେ କୁହାଯିବା ପରେ ଶେଷ ମୁହୂର୍ତ୍ତରେ ଏହି ବିଲ୍ ଉପରେ ରାଜ୍ୟସଭାରେ ଭୋଟ୍ ଗ୍ରହଣ ପୂର୍ବରୁ ହ୍ୱଇପ୍ ପ୍ରଦାନ କରାନଯାଇ ସଦସ୍ୟମାନଙ୍କୁ ବିବେକ ଅନୁସାରେ ଭୋଟ୍ ଦେବାକୁ କୁହାଗଲା। ରାଜ୍ୟସଭାରେ ଦଳର ନେତା ଥିବା ସସ୍ମିନ୍ ପାତ୍ର ସଂଶୋଧିତ ବିଲ୍ ଲୋକସଭାରେ ଆଗତ ସମୟରେ ସ୍ପଷ୍ଟ ଭାବରେ କହିଥିଲେ ଯେ, ବିଜେଡ଼ି ଏହି ବିଲ୍‌କୁ ବିରୋଧ କରିବ। କାରଣ ବିଜେଡ଼ି ଏକ ଧର୍ମନିରପେକ୍ଷ ଦଳ ଓ ସଂଶୋଧିତ ବିଲ୍‌ରେ ସିଧାସଳଖ ସଂଖ୍ୟାଲଘୁମାନଙ୍କ ଅଧିକାର ଉପରେ ହସ୍ତକ୍ଷେପ କରାଯାଇଛି। ସେହି ସସ୍ମିନ୍ ପାତ୍ର ରାଜ୍ୟସଭାରେ ଏହି ବିଲ୍ ଉପରେ ଭୋଟ୍‌ଗ୍ରହଣ ପୂର୍ବରୁ ସ୍ପଷ୍ଟ କରିଦେଲେ ଯେ, ଦଳ ପକ୍ଷରୁ ଏଥିପାଇଁ ସଦସ୍ୟମାନଙ୍କୁ କୌଣସି ହ୍ୱଇପ୍ ଦିଆନଯାଇ ବିବେକ ଅନୁସାରେ ଭୋଟ୍ ଦେବାକୁ ନିଷ୍ପତି ହୋଇଛି। କେବଳ ସେତିକି ନୁହେଁ ଭୋଟ୍‌ଦାନ ସମୟରେ ଦେଖାଗଲା ଯେ, ଦଳର ୭ଜଣ ସଦସ୍ୟଙ୍କ ଭିତରୁ ଜଣେ ଭୋଟ୍ ଦାନରୁ ବିରତ ରହିଥିବା ସମୟରେ ଅନ୍ୟ ୬ଜଣଙ୍କ ଭିତରୁ ଅଧେ ବିଲ୍ ସପକ୍ଷରେ ଓ ଅଧେ ବିଲ୍ ବିରୋଧରେ ଭୋଟ୍ ଦେଲେ। ନିଜେ ସସ୍ମିତ୍ ପାତ୍ର ଭୋଟ୍‌ଦାନ ପରେ ସୂଚନା ଦେଲେ ଯେ, ସେ ବିଲ୍ ସପକ୍ଷରେ ଭୋଟ୍ ଦେଇଛନ୍ତି। ତାଙ୍କର ଏହି ବକ୍ତବ୍ୟ ପରେ ସମୁଦାୟ ବିଜେଡ଼ିରେ ହଇଚଇ ସୃଷ୍ଟି ହୋଇଯାଇଛି। ନିଜକୁ ଧର୍ମନିରପେକ୍ଷ କହୁଥିବା ଦଳ ଓ ନିକଟରେ ଶଙ୍ଖଭବନରେ ଇଫ୍‌ତାର୍ ପାର୍ଟି ଜରିଆରେ ମୁସ୍‌ଲମାନ୍‌ଙ୍କ ପ୍ରତି ସମର୍ଥନ ପ୍ରକାଶ କରିଥିବା ଦଳ କିପରି ଭାବରେ ନିଜର ନିଷ୍ପତି ବଦଳାଇ ବିବେକ ଅନୁସାରେ ଭୋଟ୍ ଦେବାକୁ କହିଲେ ତାହା ଦଳର କୌଣସି ନେତା ବୁଝିବା ସମ୍ଭବ ନଥିଲା। ଗତ ନିର୍ବାଚନରେ ଓ ପୂର୍ବର ସବୁ ନିର୍ବାଚନରେ ବିଜେଡ଼ି ରାଜ୍ୟରେ ବରାବର ସଂଖ୍ୟାଲଘୁମାନଙ୍କର ସମର୍ଥନ ପାଇ ଆସିଛି। ବାସ୍ତବରେ କନ୍ଧମାଳ ଦଙ୍ଗାପରେ ବିଜେଡ଼ି ସେତେବେଳେ ବିଜେପି ସହିତ ମେଂଟ ଭାଙ୍ଗିଦେଇଥିଲା। ଅବଶ୍ୟ ବିଜେଡ଼ି ଗତ ୭ବର୍ଷ ଧରି କ୍ଷମତାରେ ଥିଲାବେଳେ ଦିଲ୍ଲୀରେ ଥିବା ମୋଦୀ ସରକାରଙ୍କ ସମସ୍ତ ନୀତି ଓ ବିଲ୍‌ଗୁଡ଼ିକୁ ସମର୍ଥନ ଦେଇ ଆସୁଥିଲା। ସେମାନେ ରାଜ୍ୟରେ କ୍ଷମତାରେ ଥିବାରୁ କେନ୍ଦ୍ରୀୟ ନେତୃତ୍ୱ ସହିତ ମୁକାବିଲା ନକରି ରାଜ୍ୟରେ ସରକାର ବିନା ପ୍ରତିବନ୍ଧକରେ ଚଳାଇବାକୁ ଚାହିଁଥିବା କଥାକୁ ଦଳର ଲୋକମାନେ ଗ୍ରହଣ କରିନେଇଥିଲେ। ଯଦିଓ ରାଜ୍ୟରେ ବିରୋଧୀ ଦଳ ଆସନରେ ଥିବା ବିଜେପି କ୍ରମାଗତ ଭାବରେ ରାଜ୍ୟ ସରକାରଙ୍କ ବିରୋଧରେ ଆକ୍ରମଣ କରୁଥିଲା। ଯେହେତୁ ବିଜେଡ଼ିର ସାଙ୍ଗଠନିକ ଶକ୍ତି ସହିତ ସରକାରୀ କାର୍ଯ୍ୟକ୍ରମରେ ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ଯୋଗୁ ବିଜେଡ଼ି କ୍ଷତିଗ୍ରସ୍ତ ହେଉନଥିଲା। ୨୦୨୨ ପଂଚାୟତ ନିର୍ବାଚନରେ ବିଜେଡ଼ି ସବୁ ଜିଲ୍ଲାରେ ନିଜର ପ୍ରାଧାନ୍ୟ ସାବ୍ୟସ୍ତ କରିଥିଲା। କିନ୍ତୁ ୨୦୨୪ ନିର୍ବାଚନରେ ବିଜେପି ସେମାନଙ୍କର ଏକ ମୁଖ୍ୟ ପ୍ରତିଦ୍ୱନ୍ଦୀ ହେବ ବୋଲି ଜଣାଥିଲେ ମଧ ନିର୍ବାଚନର ଠିକ୍ ୨ମାସ ପୂର୍ବରୁ ବିଜେଡ଼ି ଯେପରି ଭାବରେ ବିଜେପି ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇ ରାଜ୍ୟସଭାକୁ ପଠାଇଲା ସେଥିରେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ବିସ୍ମିତ ହୋଇଯାଇଥିଲେ। ବିଜେଡ଼ିର ପ୍ରକୃତ ଉଦ୍ଦେଶ୍ୟ କ'ଣ ତା' ଉପରେ ଆଲୋଚନା ଚାଲିଥିବା ବେଳେ ନିର୍ବାଚନରେ ବିଜେଡ଼ି ବିଜେପିର ମେଂଟ ହେବ ବୋଲି ପ୍ରଚାରିତ ହେଲା। କିନ୍ତୁ ଏହା ଏକ ଅସମୟ ମେଂଟ ବୋଟି ସାଧାରଣ ରାଜନୀତି ଜ୍ଞାନ ଥିବା ପ୍ରତ୍ୟେକ ବ୍ୟକ୍ତି ଜାଣିଥିଲେ ମଧ ଶେଷ ପର୍ଯ୍ୟନ୍ତ ଏହି ଉଦ୍ୟମ ଅବ୍ୟାହତ ରହି ଶେଷରେ ମେଂଟ ହେବନାହିଁ ବୋଲି ଘୋଷଣା ହେଲା। ବିଜେଡ଼ି ଧରି ନେଇଥିଲା ଯେ, ଓଡ଼ିଶାର ଲୋକମାନେ ବିଜେଡ଼ିକୁ ଓ ନବୀନ ପଟ୍ଟନାୟକଙ୍କୁ ଯେପରି ଭଲପାଉଛନ୍ତି ସେଥିରେ ଏକାଠି ଲୋକସଭା, ବିଧାନସଭା ନିର୍ବାଚନ ହୋଇଥିଲେ ମଧ ରାଜ୍ୟରେ ନିଶ୍ଚିନ୍ତ ଭାବରେ ବିଜେଡ଼ି କ୍ଷମତାସୀନ ହେବ। କିନ୍ତୁ ବିଜେପିର ଓ ବିଶେଷ ଭାବରେ ବିଜେପି କେନ୍ଦ୍ରୀୟ ନେତାମାନଙ୍କର କୌଶଳ ଏପରି ହେଲା ଯେ, ନିର୍ବାଚନରେ ପ୍ରଥମଥର ପାଇଁ ବିଜେଡ଼ି ଗୋଟିଏ ହେଲେ ଲୋକସଭା ଆସନ ପାଇଲାନାହିଁ ଓ ବିଧାନସଭାରେ ମଧ ଦଳ ସଂଖ୍ୟାଗରିଷ୍ଠତା ହାସଲ ଠାରୁ ବହୁ ଦୂରରେ ରହିଗଲା। ବିଜେପି ପ୍ରଥମଥର ପାଇଁ ରାଜ୍ୟରେ ୨୦ଟି ଲୋକସଭା ଆସନ ସହିତ ବିଧାନସଭାରେ ୭୮ ଆସନ ସହିତ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହିତ ସରକାର ଗଠନ କଲା। ଏହି ବିପର୍ଯ୍ୟୟର କାରଣ ଭଲଭାବରେ ଜଣାଥିଲେ ମଧ ଦଳ ଏହା ଉପରେ ଆଲୋଚନା ନକରି ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳର ନେତା ଭାବରେ ନିର୍ବାଚିତ କଲେ। କ୍ଷମତା ବାହାରେ ବିଜେଡ଼ି ଏକ ବିରୋଧୀ ଦଳ ରାଜନୀତିରେ କାମ କରିବାକୁ ହେଲେ ନୀତିଗତ ଭାବରେ ଓ ରାଜନୈତିକ ସ୍ତରରେ ନିର୍ଦ୍ଦିଷ୍ଟ ବିଚାର ରହିବା ଅତି ଜରୁରୀ। ହେଲେ ନିର୍ବାଚନର ୯ମାସ ପରେ ବିଜେଡ଼ି ଯେତେବେଳେ ନିର୍ବାଚନମଣ୍ଡଳୀ ସୀମା ପୁର୍ନନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିବା ବିଭିନ୍ନ ଦଳମାନଙ୍କର ବୈଠକରେ ବିଜେଡ଼ି ଯୋଗଦେଲା ସେତେବେଳେ ଧରିନିଆଗଲା ଯେ, ସମ୍ଭବତଃ ବିଜେଡ଼ି ନୀତିଗତ ରାଜନୀତି ପନ୍ଥାକୁ ଫେରିଆସିବ। କିନ୍ତୁ ୱାକଫ୍ ବିଲ୍ ସଂକ୍ରାନ୍ତରେ ସେମାନଙ୍କର ଦ୍ୱନ୍ଦ ଦଳକୁ ଏପରି ଏକ ସଂକଟରେ ପକାଇଦେଇଛି ଯେଉଁଠାରୁ ଦଳ ମୁକ୍ତି ପାଇବା କଷ୍ଟକର ହୋଇଯାଇଛି। ଯେଉଁ ନବୀନ ପଟ୍ଟନାୟକଙ୍କୁ ଚାଲେଞ୍ଜ କରିବାକୁ କ୍ଷମତା ଥିବା ସମୟରେ କେହି ସାହସ କରୁନଥିଲେ ସେମାନେ ଏବେ ୱାକଫ୍ ବିଲ୍ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦରେ ଖୋଲାଖୋଲି ଅସନ୍ତୋଷ ଜାହିର କରିଛନ୍ତି। ଏହା ଦଳ ପାଇଁ ଯେତିକି ଶୁଭ ସଂକେତ ସେହି ପରିମାଣରେ ବିଭାଜନ ପାଇଁ ସଂକେତ।

# ୱାକଫ୍ ଦକ୍ଷତା ବଢ଼ିବାରେ ମୁସ୍‌ଲିମ୍ ଭୟଭୀତ କାହିଁକି ?

ରବି ଦାସ

ୱାକଫ୍‌ର ପ୍ରକୃତ ଅର୍ଥ ହେଉଛି ଦାନ। ମୁସ୍‌ଲିମ୍ ଧର୍ମରେ ପ୍ରତ୍ୟେକ ବ୍ୟକ୍ତି ଯାହା ଆୟ କରନ୍ତି ସେଥିରୁ ଗୋଟିଏ ଅଂଶ ସେହି ଧର୍ମରେ ଥିବା ଗରିବ, ନିସହାୟ, ଅସହାୟ ଓ ଅନାଥ, ବିଧବା ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଆଲ୍ଲାଙ୍କ ନାମରେ ଦାନ କରନ୍ତି। ଯାହାକୁ ୱାକଫ୍ ବୋଲି କୁହାଯାଉଛି। ଯେହେତୁ ଏହା ମୁସ୍‌ଲିମ୍ ସଂପ୍ରଦାୟ ସହିତ ଜଡିତ, ସେହେତୁ ଏହି ଦାନ ସୂତ୍ରରୁ ହାସଲ ହେଉଥିବା ଜମି, ସଂପତ୍ତି ଓ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ବହୁ ବର୍ଷ ଧରି ଏଥିପାଇଁ ନିୟମ ଓ ଆଇନ କରାଯାଇଛି। ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାର ସମୟରେ ମଧ୍ୟ ଏହି ସଂପତ୍ତି ପରିଚାଳନା ପାଇଁ ଆଇନ କରାଯାଇଥିଲା। କିନ୍ତୁ ଦେଶ ସ୍ୱାଧୀନ ହେବାପରେ ୧୯୫୪ ସ୍ୱତନ୍ତ୍ର ଭାବରେ ୱାକଫ୍ ବ୍ୟବସ୍ଥା ପରିଚାଳିତ ପାଇଁ ଆଇନ ପ୍ରଣୟନ ହେଲା। ୱାକଫ୍‌ର ବିଶେଷତ୍ୱ ହେଲା ଯେ, ଏଥିପାଇଁ ଯେଉଁମାନେ ଦାନ କରନ୍ତି ସେଥିରେ ସେମାନଙ୍କର ପରିବାର ଆଉ ଭବିଷ୍ୟତରେ ଦାବିଦାର ହୁଅନ୍ତି ନାହିଁ। କିନ୍ତୁ ଏହି ସଂପତ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବରେ ମୁସ୍‌ଲିମ୍ ସଂପ୍ରଦାୟର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସହାୟତା କରନ୍ତି। ଏପରିକି ଏହି ସଂପତ୍ତି ଉପରେ ମସ୍‌ଜିଦ୍ ଓ କବରଖାନା ପ୍ରଭୃତି ସହିତ ସଂପତ୍ତିରୁ ମିଳୁଥିବା ଆୟ ଦଳିତ ଶ୍ରେଣୀ ପାଇଁ ବିନିଯୋଗ ହୁଏ। ଦେଶର ଅନ୍ୟ ଧର୍ମମାନଙ୍କରେ ମଧ ଠାକୁରଙ୍କ ନାମରେ ଦାନ ବ୍ୟବସ୍ଥା ଅଛି। ହିନ୍ଦୁ ମନ୍ଦିର ପରିଚାଳନା ସବୁ ଏହି ସଂପତ୍ତି ବଳରେ କରାଯାଏ। ପ୍ରତ୍ୟେକ ଦେବ ଅନୁଷ୍ଠାନ ପାଇଁ ବିଭିନ୍ନ ପ୍ରକାର ଆଇନ ସବୁ ରାଜ୍ୟରେ ରହିଛି। ସେମାନଙ୍କ ପାଖରେ ମଧ ସୁନା, ରୁପା ଠାରୁ ଆରମ୍ଭ କରି ବିପୁଳ ପରିମାଣର ଜମିବାଡ଼ି ରହିଛି। ସେହିପରି ଶିଖ୍‌ମାନଙ୍କର ମଧ ସେହି ବ୍ୟବସ୍ଥା ଅଛି ଓ ଖ୍ରୀଷ୍ଟିଆନ୍, ଜୈନ୍ ଓ ବୌଦ୍ଧମାନଙ୍କର ସେହିପରି ସଂପତ୍ତି ସବୁ ରହିଛି। କିନ୍ତୁ ୱାକଫ୍ ସଂପତ୍ତି ସବୁ ଏକତ୍ର ଭାବରେ ବିଚାର କରାଯାଉଥିବାର ସେମାନଙ୍କ ହାତରେ ପ୍ରାୟ ୮.୭ ଲକ୍ଷ ଏକରର ଅଚଳ ସଂପତ୍ତି ବା ଜମି ରହିଥିବା ଦେଖାଯାଉଛି। ଦେଶରେ ଯଦି ରେଳବାଇ ଓ ଦେଶରକ୍ଷା ବିଭାଗକୁ ହିସାବକୁ ନିଆଯାଏ ତେବେ ୱାକଫ୍ ହାତରେ ତୃତୀୟ ବୃହତ୍ତମ ଜମି ରହିଥିବା ଦର୍ଶାଯାଉଛି। ଏହି ସଂପତ୍ତିଗୁଡ଼ିକର ପରିଚାଳନା ପାଇଁ ୱାକଫ୍ ବୋର୍ଡର ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ୧୯୯୫ରେ ୱାକଫ୍ ସଂକ୍ରାନ୍ତୀୟ ଏକ ଆଇନ ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟକରିବା ଆରମ୍ଭ କରିଛି। ତଥାପି ଏହି ଆଇନ ସତ୍ତ୍ୱେ ଏତେ ବଡ଼ ୱାକଫ୍ ସଂପତ୍ତିର ଠିକଣା ବିନିଯୋଗ ହୋଇପାରିନାହିଁ। ଏହି ଜମିର ବହୁ ପରିମାଣର ବିଭିନ୍ନ ବ୍ୟକ୍ତି ଏପରିକି ସରକାର ମଧ ଜବରଦଖଲ କରି ଅଛନ୍ତି। ଫଳରେ ଏହିସବୁ ସଂପତ୍ତିରୁ ଯେତିକି ରୋଜଗାର ହେବା କଥା ତାହା ହୋଇପାରୁନାହିଁ। ସାଚାର୍ କମିଟି ମଧ ଏହି ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଭାବରେ କେତେକ ତଥ୍ୟ ଉପସ୍ଥାପିତ କରିଥିଲେ। ସେହି କ୍ରମରେ ୟୁପିଏ ସରକାର ଶେଷ ହେଲା ବେଳକୁ ୨୦୧୩ ରେ ୱାକଫ୍ ଆଇନରେ ଏକ ସଂଶୋଧନ କରାଯାଇଥିଲା। ଯାହାକୁ ସେତେବେଳେ ପ୍ରାୟ ସବୁ ପକ୍ଷ ସମର୍ଥନ କରିଥିଲେ। କିନ୍ତୁ ଏହା କେହି ବି ଅସ୍ୱୀକାର କରିବେ ନାହିଁ ଯେ, ୱାକଫ୍ ପରିଚାଳନାରେ ଦୁର୍ବଳତା ଯୋଗୁ ୱାକଫ୍ ସଂପତ୍ତିଗୁଡ଼ିକ ଠିକଣା ବିନିଯୋଗ ହୋଇପାରୁନାହିଁ। ହେଲେ ମୋଦୀ ସରକାର ୱାକଫ୍ ଆଇନର ସଂଶୋଧନ ପାଇଁ ଏଥର ଆଣିଥିବା ସଂଶୋଧନ ପ୍ରସ୍ତାବ ବିରୋଧରେ ସାରା ଦେଶର ମୁସ୍‌ଲିମ୍ ସମାଜ ଭୟଭୀତ ହୋଇଯାଇଛନ୍ତି। ଯଦିଓ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ମୁସ୍‌ଲିମ୍ ସଂପ୍ରଦାୟର ମଙ୍ଗଳ ପାଇଁ ବିଶେଷ ଭାବରେ ଏହି ସଂପ୍ରଦାୟର ଥିବା ଗରିବ ଲୋକ, ଅସହାୟ, ବିଧବା ଓ ଦୁର୍ବଳ ଶ୍ରେଣୀର ସୁବିଧା ପାଇଁ କାର୍ଯ୍ୟକରିବା ନିମନ୍ତେ ୱାକଫ୍ ସଂପତ୍ତି ପରିଚାଳନାରେ ଦକ୍ଷତା ବଢ଼ାଇବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପାର୍ଲାମେଂଟର ଉଭୟ ଗୃହରେ ଏହା ପାରିତ ହୋଇଥିଲେ ମଧ ଦେଶର ମୁସ୍‌ଲିମ୍ ସଂପ୍ରଦାୟ ଭୟଭୀତ। କାରଣ ସେମାନେ ଦେଖି ଆସୁଛନ୍ତି ଯେ, ମୋଦୀ ସରକାର ଗତ ୧୦ ବର୍ଷ ଭିତରେ ସେମାନଙ୍କ ପାଇଁ କୌଣସି ପ୍ରକାର ମଙ୍ଗଳମୟ କାର୍ଯ୍ୟ କରିନାହିଁ। ବରଂ ସବୁ କ୍ଷେତ୍ରରେ ସେମାନଙ୍କୁ ଭୟଭୀତ କରିବା ପାଇଁ ଗୋମାଂସ ନେଇ ଭିଡ଼ ହତ୍ୟା, ଲବ୍‌ଜିହାଦ୍, ମୁସ୍‌ଲିମ୍‌ମାନଙ୍କ ଘର ଉପରେ ବୁଲ୍‌ଡୋଜର୍ ଲଗାଇ ଧ୍ୱଂସ କରିବା ସେମାନଙ୍କୁ ଆତଙ୍କବାଦୀର ଆଖ୍ୟାଦେଇ ପୋଲିସ୍ ଗୁଳିରେ ମାରିବା, ସେମାନଙ୍କ ଧର୍ମନୁଷ୍ଠାନ ଓ ମସ୍‌ଜିଦ୍ ଭିତରେ ଶିବଲିଙ୍ଗ ଓ ମନ୍ଦିରର ସନ୍ଧାନ ପାଇଁ ବିବାଦ କରିବା ଓ ଶେଷରେ ମୁସ୍‌ଲିମ୍ ପର୍ବରେ ସେମାନଙ୍କୁ ରାସ୍ତାରେ ଧର୍ମପାଳନ ନକରିବା ପାଇଁ ଚେତାବନୀ ଦେବା ଅଥଚ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ସମ୍ବିଧାନ ଆଧାରରେ ସ୍ୱାଧୀନତା ପ୍ରଦାନ କରିବା ଘଟଣାଗୁଡ଼ିକ ଦେଖି ମୁସ୍‌ଲିମ୍ ସଂପ୍ରଦାୟ ନିଜକୁ ଅସହାୟ ମନେକରୁଛନ୍ତି। ଏପରିକି ସେମାନଙ୍କୁ ଦେଶରେ ଦ୍ୱିତୀୟ ଶ୍ରେଣୀ ନାଗରିକ କରିଦିଆଯାଇଥିବା ଜଣାପଡୁଛି। ସିଏଏଆଇ ଠାରୁ ଆରମ୍ଭ କରି ବିଭିନ୍ନ ଘଟଣାରେ ମୁସ୍‌ଲିମ୍ ସଂପ୍ରଦାୟ ସରକାରଙ୍କ ଠାରୁ ଦୂରକୁ ଚାଲିଯାଇଛନ୍ତି। କଂଗ୍ରେସକୁ ବା ଅନ୍ୟ ଦଳମାନଙ୍କୁ ମୁସ୍‌ଲିମ୍ ତୁଷ୍ଟିକରଣ ଅଭିଯୋଗରେ ଅଭିଯୁକ୍ତ କରାଯିବା ଯଥାର୍ଥ ହେଲେ ମଧ ମୋଦୀ ସରକାରଙ୍କ କାର୍ଯ୍ୟକଳାପ ମୁସ୍‌ଲମାନ୍‌ଙ୍କ ଭିତରେ ଏକ ଭୟର ବାତାବରଣ ସୃଷ୍ଟି କରିଥିବା ସେମାନେ ଖୋଲାଖୋଲି ଅଭିଯୋଗ କରୁଛନ୍ତି। ବିଜେପି ସାରାଦେଶରେ ସବୁଠାରୁ ବଡ଼ ରାଜନୈତିକ ଦଳ ଦେନ୍ଦ୍ର ସରକାର ସହିତ ଦେଶର ଅଧିକାଂଶ ରାଜ୍ୟରେ ଏହାର ସରକାର ଅଛି। ତଥାପି ଏହି ଦଳରେ ଜଣେ ହେଲେ ମୁସ୍‌ଲିମ୍ ସଦସ୍ୟ କେଉଁଠାରେ ମନ୍ତ୍ରୀ ବି ନାହାନ୍ତି, ସାଂସଦ ବି ନାହାନ୍ତି ଓ ବିଧାୟକ ବି ନାହାନ୍ତି। ସେହି କାରଣରୁ ମୋଦୀ ସରକାରଙ୍କୁ ସେମାନେ ଭୟ କରିବା ସ୍ୱାଭାବିକ।

ଏହିପରି ଏକ ବାତାବରଣରେ ୱାକଫ୍‌ର ପରିଚାଳନା ଦକ୍ଷତା ବଢ଼ାଇବା ପାଇଁ ଆସିଥିବା ସଂଶୋଧନ ପ୍ରସ୍ତାବ ଉପରେ ପାର୍ଲାମେଂଟ ଯୁଗ୍ମ ସଂସଦୀୟ କମିଟିରେ ତୀବ୍ର ମତଭେଦ ସତ୍ତ୍ୱେ ସଂଖ୍ୟାଗରିଷ୍ଠ ମତରେ ଆଧାରିତ ରିପୋର୍ଟ ଉପରେ ୱାକଫ୍ ସଂଶୋଧିତ ବିଲ୍ ଅଣାଯାଇଛି। ଯୁଗ୍ମ ସଂସଦୀୟ କମିଟିରେ ଯେଉଁ ମତଭେଦ ଥିଲା ତାହା ପାର୍ଲାମେଂଟର ଭୋଟ୍ ଗ୍ରହଣରେ ମଧ ରୂପାନ୍ତରୀତ ହୋଇଛି। ୱାକଫ୍ ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟବସ୍ଥା, ଯାହା ଇସ୍‌ଲାମିକ ଆଇନ୍ ଓ ପରମ୍ପରା ଆଧାରିତ। ଜଣେ ମୁସଲ୍‌ମାନ୍ ଦ୍ୱାରା ମସ୍‌ଜିଦ୍, ସ୍କୁଲ୍, ହସ୍ପିଟାଲ୍ ଓ ଅନ୍ୟାନ୍ୟ ସର୍ବସାଧାରଣ ଅନୁଷ୍ଠାନ ନିର୍ମାଣ ଲାଗି ଦାତବ୍ୟ କିମ୍ବା ଧାର୍ମିକ ଉଦ୍ଦେଶ୍ୟରେ ଦିଆଯାଉଥିବା ଦାନକୁ ୱାକଫ୍ ବୁଝାଏ। ଏହି ଦାନର ବିଶେଷତ୍ୱ ହେଲା ଯେ, ଏହାକୁ ବିକ୍ରି କରାଯାଇପାରିବ ନାହିଁ। ଉପହାର ଦିଆଯାଇ ପାରିବନାହିଁ। ଏହାର କେହି ଉତ୍ତରାଧିକାରୀ ହୋଇପାରିବେ ନାହିଁ। ଯେହେତୁ ଆଲ୍ଲା ସବୁଦିନ ପାଇଁ ରହିଥାନ୍ତି ସେହିପରି ଭାବରେ ୱାକଫ୍ ସଂପତ୍ତି ସେହିପରି ଭାବରେ ସବୁଦିନ ରହିଥାଏ। ଅର୍ଥାତ୍ ୱାକଫ୍ ସଂକ୍ରାନ୍ତୀୟ ଯାହା ନିଷ୍ପତି ହେବ ତାହା ଇସ୍‌ଲାମ୍ ଆଧାରିତ ବ୍ୟବସ୍ଥା ଅନୁଯାୟୀ କରାଯିବ। ଦେଶର ସମ୍ବିଧାନରେ ଧାର୍ମିକ ସ୍ୱାଧୀନତାର ମୌଳିକ ଅଧିକାର ସହିତ ଧର୍ମ ଅନୁଷ୍ଠାନ ପରିଚାଳନାର ଏକ ସ୍ୱାଧୀନତା ରହିଛି। ସେହିକ୍ରମରେ ଯେହେତୁ ଅନ୍ୟ କୌଣସି ଧର୍ମଆଧାରିତ ବ୍ୟବସ୍ଥାରେ ସେହି ଧର୍ମ ବ୍ୟତୀତ ଅନ୍ୟ କାହାରିକୁ ସେହି ଧର୍ମ ପରିଚାଳନାର ମୁଖ୍ୟ ଭାବରେ ରଖାଯାଉନାହିଁ ସେହି ପରମ୍ପରା ୱାକଫ୍ କ୍ଷେତ୍ରରେ ମଧ ହେବା ନିହାତି ଜରୁରୀ। ୱାକଫ୍‌ର ରାଜ୍ୟ ବୋର୍ଡ ଓ ଜାତୀୟ ବୋର୍ଡରେ ଯେଉଁମାନେ ମନୋନୀତ ହୁଅନ୍ତି, ସେମାନେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୁଅନ୍ତି। ତେଣୁ ଏହିସବୁ ସଂସ୍ଥା ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ ବୋଲି ଆଦୌ କୁହାଯାଇପାରିବ ନାହିଁ। ଏଥିରେ ଥିବା ମନୋନୀତ ଅଧିକାରୀମାନେ ସରକାରୀ ଅଧିକାରୀ ବା ନ୍ୟାୟପାଳିକାର କର୍ମକର୍ତା। ହେଲେ ମୁସ୍‌ଲିମ୍ ଆଧାରିତ ବ୍ୟବସ୍ଥା ଅନୁସାରେ ଏହାର ପରିଚାଳନା ହେଉଥିବାରୁ ସେହି ଧର୍ମର ଲୋକମାନେ ହିଁ ମୁଖ୍ୟ ପରିଚାଳକ ଭାବରେ କାମ କରନ୍ତି। ୱାକଫ୍‌ର ପ୍ରାୟ ୭ଭାଗ ଜମି ବିଭିନ୍ନ ଲୋକମାନଙ୍କର ଜବରଦଖଲରେ ଅଛି। ପ୍ରାୟ ଶତକଡ଼ା ୨ଭାଗ ଜମି ଉପରେ ମାମଲା ଚାଲିଛି। କିନ୍ତୁ ସରକାର ସୁପ୍ରିମ୍‌କୋର୍ଟ ଆଗରେ ଶପଥଦାନ କରିଛନ୍ତି ଯେ, ୱାକଫ୍‌ର ପ୍ରାୟ ୯୮ ଭାଗ ଜମିର ଡିଜିଲାଇଜେସନ୍ ହୋଇଯାଇଛି। ଅର୍ଥାତ୍ ଏହିସବୁ ଜମିଗୁଡ଼ିକ ବିବାଦମୁକ୍ତ କରାଯାଇପାରିବ। ଅସଲକଥା ହେଉଛି ଯେ, ଏହି ପରିଚାଳନା ବ୍ୟବସ୍ଥାରେ ଜାତୀୟ ସ୍ତରରେ ଅଣମୁସ୍‌ଲିମ୍ ମାନଙ୍କୁ ଆଣିବା ପାଇଁ ସୁଯୋଗ ଦିଆଯିବା ଛଡ଼ା ୱାକଫ୍ ସଂପତ୍ତି ନେଇ ୱାକଫ୍ ବୋର୍ଡର ନିଷ୍ପତିକୁ ଅକାମୀ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଏହା ଚିହ୍ନଟ ପାଇଁ କ୍ଷମତା ପ୍ରଦାନ କରିବା ତେଣୁ ଅନେକ ମୁସଲ୍‌ମାନ୍ ଭାବୁଛନ୍ତି ଯେ, ୱାକଫ୍ ସଂପତ୍ତିକୁ ଅନ୍ୟମାନଙ୍କୁ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। କିନ୍ତୁ ଏଥିପାଇଁ ସନ୍ଦେହ କେବଳ ଆଇନ ଯୋଗୁ ହେଉନାହିଁ। ଅସଲକଥା ହେଉଛି ଯେଉଁ ସରକାର ଏହି ସଂଶୋଧନ କରୁଛି ସେମାନେ କ୍ରମାଗତ ଭାବରେ ୧୦ବର୍ଷ ହେଲା ମୁସଲ୍‌ମାନଙ୍କ ବିରୋଧରେ ବିଭିନ୍ନ କାର୍ଯ୍ୟ କରିଥିବାରୁ ମୁସଲ୍‌ମାନଙ୍କର ଭୟ ଯେ, ଏହି ଆଇନ ମଧ ସେମାନଙ୍କ ବିରୋଧରେ ଲଗାଯିବ। ଏହି ବ୍ୟବସ୍ଥା ବିଶେଷ ଭାବରେ ଉତ୍ତରପ୍ରଦେଶ, ବିହାର ଓ କର୍ଣ୍ଣାଟକ ପ୍ରଭୃତି ରାଜ୍ୟରେ ସଂପ୍ରଦାୟିକ ଧ୍ରୁବୀକରଣର ବ୍ୟବସ୍ଥାକୁ ଆହୁରି ବଢ଼ାଇଦେବ। ଯଦି ଏହି ଆଇନ ବା ସଂଶୋଧନ ମୁସ୍‌ଲିମ୍ ସଂପ୍ରଦାୟର ନେତା ଓ ଧର୍ମ ନିରପେକ୍ଷ ଦଳମାନଙ୍କର ସହମତିରେ କାର୍ଯ୍ୟକାରୀ ହୋଇଥାନ୍ତା କିମ୍ବା ଯୁଗ୍ମ ସଂସଦୀୟ କମିଟିରେ ବିରୋଧୀ ପକ୍ଷ ଦେଇଥିବା ପ୍ରସ୍ତାବଗୁଡ଼ିକ ଭିତରୁ କେତେକ ସଂଶୋଧିତ ବିଲ୍‌ରେ ସ୍ଥାନୀତ ହୋଇଥାନ୍ତା ତେବେ ପରିସ୍ଥିତି ଭିନ୍ନ ହୋଇଥାନ୍ତା। ବାସ୍ତବିକ ଏହି ସଂଶୋଧନ ବିଲ୍ ସିଏଏ ପରି ଧ୍ରୁବୀକରଣ ରାଜନୀତିକୁ ଆହୁରି ଜୋର୍‌ଦାର୍ କରିଛି।

ମୋ- ୮୦୧୮୦୯୪୪୫୫

CMYK

# ନୂଆପଡ଼ାର ୯୯ ପ୍ରତିଶତ ଜମି ଜଳସେଚିତ ହେବ: ମୁଖ୍ୟମନ୍ତ୍ରୀ



ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ୯୯ ପ୍ରତିଶତ ଚାଷଜମି ଜଳସେଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ମାରାଗୁଡ଼ା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି। ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ନୂଆପଡ଼ା ଜିଲ୍ଲାର ୯୯ ପ୍ରତିଶତ ଚାଷଜମିକୁ ଜଳସେଚନ କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଜିଲ୍ଲାରେ ଯେଉଁଠାରେ ନଦୀ, ନାଳ ରହିଛି ସେଠାରେ ଡ୍ୟାମ୍ ନିର୍ମାଣ କରାଯିବ। ତା' ସହ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ କରାଯିବ। ବର୍ତ୍ତମାନ ଓଡ଼ିଶାରେ ଡବଲ୍ ଇଞ୍ଜିନ୍‌ର ସରକାର ଚାଲିଛି। ସେଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ତ୍ତମାନ ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୧୮.୮୯ କୋଟି ଟଙ୍କା ବ୍ୟୟ ଅଟକଳରେ ୩୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେଓ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ବିଶିଷ୍ଟ ଲେଖକ ଦାଶ ବେନହୁର ଓ ଜିଲ୍ଲା ପରିଷଦ ସଭାପତି ଡଲି ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ତରବୋଡ଼ ଜବାହର ନବୋଦୟ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଖଡ଼ିଆଳ ବିରିଘାଟ ଜୟ ମା' ଠାକୁରାଣୀ ଘୁମରା ଦଳ, ନୂଆପଡ଼ା ଜ୍ଞାନଜ୍ୟୋତି ବିଦ୍ୟାଳୟ, ପାୟଲ ସାଂସ୍କୃତିକ ଅନୁଷ୍ଠାନ, ନୂଆପଡ଼ା ନଟରାଜ ନୃତ୍ୟ ଏକାଡେମୀ, ଖୋର୍ଦ୍ଧା ଜଟଣୀର ଓଡ଼ିଶୀ ନୃତ୍ୟଦଳ, ନୀଳଶୈଳ ନୃତ୍ୟାଞ୍ଜଳି, ଭବାନୀପାଟଣା ନୃତ୍ୟକଳା ଅନୁଷ୍ଠାନ, ଗୋଲାମୁଣ୍ଡା ସମର୍ଥ ଦୃଷ୍ଟିହୀନ ସଂଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରିଥିଲେ।

# କାହା ନିର୍ଦ୍ଦେଶରେ ବିଧାନସଭା ଗୃହ ଭିତରକୁ ପୁଲିସ ପଶିଥିଲା: କଂଗ୍ରେସ

ଭୁବନେଶ୍ୱର: ଭାରତୀୟ ଗାଣତାନ୍ତ୍ରିକ ଇତିହାସରେ ପ୍ରଥମଥର ପାଇଁ ଓଡ଼ିଶା ବିଧାନସଭା ଗୃହ ଭିତରକୁ ପୁଲିସ ପଶି କଂଗ୍ରେସ ସଦସ୍ୟମାନଙ୍କୁ ଧସ୍ତାଧସ୍ତି କରି ବାହାରକୁ ବାହାର କରିଛି।



ରାଜ୍ୟର ବିଧାନସଭାର ପରିଚାଳନା ନିୟମ ୧୨୬ ଅନୁସାରେ ବିଧାନସଭାର ଗୃହକୁ ପରିଚାଳନା କରିବା ଦାୟିତ୍ୱ ହେଉଛି ବାଚସ୍ପତିଙ୍କର। ଗୃହ ବନ୍ଦ ଥିବା ବେଳେ ବାଚସ୍ପତି କୌଣସି ରୁଲିଂ ଦେଇପାରିବେ ନାହିଁ। ତେଣୁ ଗୃହ ବନ୍ଦ ଥିବା ବେଳେ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭା ଭିତରକୁ ପ୍ରବେଶ କରିଥିଲା ବୋଲି ପ୍ରଶ୍ନ କରିଛନ୍ତି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଲେ, ବାଚସ୍ପତି ରାଜ୍ୟବାସୀଙ୍କ ଆଗରେ ଏହାର ସଂପୂର୍ଣ୍ଣ ତଥ୍ୟ ରଖନ୍ତୁ। ବିଧାନସଭା ଭିତରକୁ କେବଳ ବିଧାୟକମାନଙ୍କ ଯିବାର ଅନୁମତି ରହିଛି। ବିଧାନସଭା ବନ୍ଦ ଥିବା ବେଳେ ପୁଲିସ କିଭଳି ବିଧାନସଭା ଭିତରକୁ ପଶିଲେ ? କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ରାଜ୍ୟପାଳ ଏହି ଅଗାଣତାନ୍ତ୍ରିକ ଓ ସମ୍ବିଧାନ ବିରୋଧୀ ନିଷ୍ପତ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ୱକଫ୍ ସଂଶୋଧିତ ବିଲ ପ୍ରସଙ୍ଗରେ ଶ୍ରୀ ହରିଚନ୍ଦନ କହିଲେ, ବିଜେପି-ବିଜେଡି ଏକ। ସେମାନଙ୍କ ଭିତରେ ଏକ ଡିଲ୍ ହୋଇଛି। ବିଲ୍ ଆସିବା ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳର ସାଂସଦମାନେ ଏହି ବିଲ୍‌କୁ ବିରୋଧ କରିବେ ବୋଲି କହିଥିଲେ। ବିଲ୍ ଉପସ୍ଥାପିତ ହେବା ପୂର୍ବରୁ ଦଳ ପକ୍ଷରୁ ହ୍ୱିପ୍ ଜାରି ପରିବର୍ତ୍ତେ ଯେଉଁ ବିବେକ କଥା କୁହାଯାଇଛି ତାହା ଭୟ ଓ ଭୀରୁତାରୁ ଆସିଛି। ରାଜ୍ୟର ସଂଖ୍ୟାଲଘୁମାନେ ବିଜେଡିର ଅସଲ ରୂପକୁ ଦେଖିଲେ। ପୂର୍ବରୁ କିଛି ଆଇଏଏସ୍ ଓ ଅବସରପ୍ରାପ୍ତ ଆଇଏଏସ୍‌ଙ୍କୁ ନେଇ ରାଜ୍ୟରେ ଶାସନ ଚାଲିଥିଲା। ସେମାନେ ହେଉଛନ୍ତି ହଜୁର ଓ ମନ୍ତ୍ରୀ ଓ ବିଧାୟକ ମଜଦୁର। ଏବେ ଏଥିରୁ କଲମି ବାହାରି କୋତୱାଲ ବା ପୁଲିସ ଶାସନ ବ୍ୟବସ୍ଥା ଉପରେ ହାତ ପୁରାଇଲେଣି। ଏ ଶାସନର ଗତି କୁଆଡ଼େ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ରାଜା ଚକ୍ର ବ୍ୟାଙ୍କ ଆକାଉଣ୍ଟରୁ କୋଟିଏ ଟଙ୍କା ବିଜେପି ସଭାପତିଙ୍କ ଆକାଉଣ୍ଟକୁ ଯାଇଛି ବୋଲି ତାଙ୍କ ଓକିଲ ଗତକାଲି ଗଣମାଧ୍ୟମକୁ ଏକଥା କହିଛନ୍ତି। ତାହାଲେ ରାଜ୍ୟବ୍ୟାପୀ ଖଣି ଖାଦାନ ଖୋଲୁଥିବା ପ୍ରଭାକରନ୍ କେତେ ଟଙ୍କା ଦେଇଛନ୍ତି ? ପ୍ରଭାକରନଙ୍କ ଦ୍ୱାରା କେତେ ଖଣିଜ ଦ୍ରବ୍ୟ ବିଦେଶକୁ ରପ୍ତାନୀ କରାଯାଇଛି। ରାଜା ଚକ୍ରର ସୃଷ୍ଟିକର୍ତ୍ତା ହେଉଛନ୍ତି କେନ୍ଦୁଝରର ଜିଲ୍ଲାର ପୂର୍ବତନ ମନ୍ତ୍ରୀ ଓ ତତ୍କାଳୀନ ଜିଲ୍ଲାପାଳ ଓ ଏସ୍‌ପି। ଏସବୁର ତଦନ୍ତ ଇଡି ଓ ସିବିଆଇ କରିବା ଉଚିତ୍। ମୁଖ୍ୟମନ୍ତ୍ରୀ ଏଥିପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଲେ, ନୂଆ ସରକାର ଆସିବା ପରେ ରାଜ୍ୟବାସୀ ଭାବିଥିଲେ ଖଣିମାଲିକଙ୍କ ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର କୌଣସି ବୁଝାମଣା କରିବେ ନାହିଁ। ମାତ୍ର ଗତକାଲି ସିଏଜି ରିପୋର୍ଟରେ ସବୁ ଘଟଣା ପ୍ରଘଟ ହେଲା। ରାଜ୍ୟରେ ଲଘୁ ଖଣିଜଦ୍ରବ୍ୟର କୋଟି କୋଟି ଟଙ୍କାର ଚୋରା ଚାଲାଣ ହେଉଛି। ସରକାର ଓ ବିଜେପି ଦଳ ଏଥିରୁ କ'ଣ ଫାଇଦା ପାଉଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରଜନୀ ମହାନ୍ତି, ସୁଧାଂଶୁ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ: ୮ ଦଳରେ ସାମିଲ ୮୫ କର୍ମଚାରୀ

**୨୦୨୬ରେ ଆସିବ ଗଣନା ରିପୋର୍ଟ**
**'ଜୀନତ୍'ର ଭବିଷ୍ୟତକୁ ନେଇ ଅନିଶ୍ଚିତତା**
**ଶିମିଳିପାଳକୁ ନିଜର କରି ପାରିଲାନି 'ଯମୁନା'**

ବାରିପଦା: ଆଜିଠାରୁ ସର୍ବଭାରତୀୟ ସ୍ତରରେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ଶିମିଳିପାଳରେ ମଧ୍ୟ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ବନ ବିଭାଗ ପକ୍ଷରୁ ଏଥିପାଇଁ ୮ଟି ଦଳରେ ୮୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଜଙ୍ଗଲରେ ବାଘର ପାଦଚିହ୍ନ, ଆମ୍ପୁଡ଼ା ଚିହ୍ନ ଓ ମଳମୂତ୍ରର ନମୁନାରୁ ବାଘ ଗଣତି କରିବେ। ଏଥିସହ ଶିମିଳିପାଳରେ ଲାଗିଥିବା ୩୦୦ରୁ ଅଧିକ ଟ୍ରାପ୍ କ୍ୟାମେରା ଓ ଏଆଇ କ୍ୟାମେରାର ମଧ୍ୟ ଉପଯୋଗ ହେବ। ଏହି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟ ଦେଇ ବର୍ଷତମାମ ଚାଲିବ। ଏହା ପରେ ଏନ୍‌ଟିସିଏକୁ ରିପୋର୍ଟ ଦିଆଯିବ ଏବଂ ୨୦୨୬ରେ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଶିମିଳିପାଳ ଟାଇଗର ରିଜର୍ଭ (ଏସ୍‌ଟିଆର୍) କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରତି ୪ ବର୍ଷରେ ଜାତୀୟ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇଥାଏ। ଗତଥର ରିପୋର୍ଟ ଅନୁଯାୟୀ; ଶିମିଳିପାଳରେ ଏବେ ୨୪ଟି ବୟସ୍କ ମହାବଳ ଥିବାବେଳେ ୮ଟି ଶାବକ ରହିଛନ୍ତି। ଏହି ସଂଖ୍ୟାରେ ବୃଦ୍ଧି ଘଟିଛି ନା ବାଘବଂଶ ହ୍ରାସ ପାଉଛି, ତାହା ଗଣନା ରିପୋର୍ଟ ଆସିଲେ ଜଣାପଡ଼ିବ। ତେବେ ଅଭୟାରଣ୍ୟର କୋର୍ ଏରିଆରେ ଲାଗିଥିବା କ୍ୟାମେରା ଚିତ୍ରକୁ ଗ୍ରହଣ କଲେ ବାଘସଂଖ୍ୟା ବୃଦ୍ଧି ପାଇଛି ବୋଲି ଏସ୍‌ଟିଆର୍ କର୍ତ୍ତୃପକ୍ଷ ଜୋର୍ ଦେଉଛନ୍ତି।

ତେବେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ଗତବର୍ଷ ମହାରାଷ୍ଟ୍ରରୁ ଶିମିଳିପାଳକୁ ଅଣାଯାଇଥିବା ଦୁଇ ବାଘୁଣୀ; ଜୀନତ୍ ଓ ଯମୁନାର ଭବିଷ୍ୟତକୁ ନେଇ କିନ୍ତୁ ପୂର୍ବଭଳି ଅନିଶ୍ଚିତତା ଲାଗିରହିଛି। ଯେଉଁ ଲକ୍ଷ୍ୟ ନେଇ ୨ ବାଘୁଣୀଙ୍କୁ ଏଠାକୁ ଅଣାଯାଇଥିଲା ତାହା ଏଯାଏଁ କାଣିଚାଏ ବି ସଫଳ ହୋଇନି। ଶିମିଳିପାଳର ମହାବଳ ବାଘଙ୍କ ଦେହର ରଙ୍ଗ ଦିନକୁ ଦିନ କଳା ପଡୁଛି। ତେଣୁ ଏହି ଅନୁବଂଶୀୟ ବିବିଧତା ଓ ଗୁଣବତ୍ତାରେ ଉନ୍ନତି ଆଣିବା ସହ ଲିଙ୍ଗଗତ ଅସଙ୍ଗତିକୁ ଦୂର କରିବା ପାଇଁ ଗତବର୍ଷ ଆସିଥିଲେ ଯମୁନା ଓ ଜୀନତ୍। ଆସିବା ପରଠୁ ଯମୁନା ଶିମଳିପାଳ ଜଙ୍ଗଲରେ କମ୍, କେନ୍ଦୁଝରର ହଦଗଡ଼ ଓ ବାଲେଶ୍ୱରର କୁଲଡ଼ିହା ଅଭୟାରଣ୍ୟରେ ଅଧିକ ସମୟ ରହୁଛି। ଏପଟେ ଶିମଳିପାଳରୁ ଖସିଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଜଙ୍ଗଲରେ ୨୧ ଦିନ ବୁଲିବା ପରେ ୨୦୨୪ ଡିସେମ୍ବର ୨୯ରେ ଧରାପଡ଼ିଥିବା ବାଘୁଣୀ ଜୀନତ୍ ?କୁ ଶିମିଳିପାଳର ଜେନାବିଲଠାରେ ଏନ୍‌କ୍ଲୋଜର୍‌ରେ ରଖାଯାଇଛି। ଯେଉଁ ବୟସରେ ଜୀନତ୍ ଜଙ୍ଗଲରେ ବୁଲିବା ସହ ବଂଶବୃଦ୍ଧି କରିବା କଥା ସେହି ସମୟରେ ୩ ମାସ ହେଲା ସେ ଏକପ୍ରକାର ବନ୍ଦୀ ଜୀବନ ବିତାଉଛି। କେବେ ତାକୁ ମୁକ୍ତ ଜଙ୍ଗଲରେ ଛଡ଼ାଯିବ, ସେ କଥା ଖୋଦ୍ ଏସ୍‌ଟିଆର୍ କର୍ତ୍ତୃପକ୍ଷ ବି ଜାଣନ୍ତିନି। ଏ ସଂପର୍କରେ ଆ ?ସିସିଏଫ ପ୍ରକାଶ ଚାନ୍ଦ ଗୋଗିନାନୀ କହିଛନ୍ତି, ଏବେ ବର୍ଦ୍ଧିତ ଖୁଆଡ଼ରେ ରହିଥିବା ଜୀନତ୍‌ର ଆଚରଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ନିର୍ଦ୍ଦେଶ ଆସିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସେହିପରି ବାଘୁଣୀ ଯମୁନା ଏବେ ହଦଗଡ଼ ଓ କୁଳଡ଼ିହା ଅଭୟାରଣ୍ୟରେ ମଧ୍ୟରେ ଯାଆସ କରୁଛି। ଶିମିଳିପାଳ ପରିବର୍ତ୍ତେ ସେହି ଅଞ୍ଚଳକୁ ସେ ନିଜ ଅଞ୍ଚଳ ଭାବେ ବାଛି ସାରିଥିବା ଆମେ ଅନୁମାନ କରୁଛୁ। ତେବେ ଯମୁନା ପାଇଁ ଚିନ୍ତା କରିବାର ବିଶେଷ କାରଣ ନାହିଁ।

# ସିଡିଏମ୍‌ଓଙ୍କୁ ସ୍ୱାସ୍ଥ୍ୟ ବିଭାଗର ପତ୍ର: ଔଷଧ ଦୋକାନରେ ଇଞ୍ଜେକସନ୍ ଫୋଡ଼ନି, ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର: ରାଜ୍ୟରେ ଔଷଧ ଦୋକାନରେ ରୋଗୀମାନଙ୍କୁ ଇଞ୍ଜେକସନ୍ ଦିଆଯିବାକୁ ନେଇ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ଔଷଧ ଦୋକାନୀମାନଙ୍କୁ ଏହି ଅଭ୍ୟାସ ବନ୍ଦ କରିବା ଲାଗି କୁହାଯାଇଛି। ନଚେତ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ମର୍ମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ସିଡିଏମ୍‌ଓମାନଙ୍କୁ ପତ୍ର ଜାରି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆବଶ୍ୟକ ମେଡିକାଲ ସୁବିଧା ଥିବା ସ୍ଥାନରେ ହିଁ ଇଞ୍ଜେକସନ୍ ଦିଆଯିବା ଉଚିତ୍। ଯାହାଫଳରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ସଙ୍ଗେ ସଙ୍ଗେ ମୁକାବିଲା କରାଯାଇପାରିବ।

ଔଷଧ ଦୋକାନରେ ଇଞ୍ଜେକସନ୍ ନେଇଥିବା କୌଣସି ବ୍ୟକ୍ତିଙ୍କଠାରେ ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ ଏହା ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଜିଲ୍ଲାସ୍ତରରେ ଏଭଳି ଔଷଧ ଦୋକାନଗୁଡ଼ିକର ଯାଞ୍ଚ ସହ ସେମାନଙ୍କୁ ଏଭଳି କାର୍ଯ୍ୟରୁ ବିରତ କରିବା ଲାଗି ସିଡିଏମ୍‌ଓମାନେ ପଦକ୍ଷେପ ନିଅନ୍ତୁ। ଯଦି ଆଗକୁ ଏ ନେଇ କୌଣସି ପ୍ରକାର ଅଭିଯୋଗ ଆସେ ତାହାଲେ ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଔଷଧ ଦୋକାନଗୁଡ଼ିକରେ ଯାଞ୍ଚ କରାଯିବା ସହ ଏହାର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ପଠାଇବାକୁ କୁହାଯାଇଛି। ଅପରପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏଭଳି ନିଷ୍ପତ୍ତିକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି। ସେମାନଙ୍କ ମତରେ ଆଣ୍ଟିବାୟୋଟିକ୍ ଓ ଟିକା ନେବା ସମୟରେ ଆଲର୍ଜି କିମ୍ବା ଆନାଫାଇଲିଟିକ୍ ସକ୍ ଆସିପାରେ। ଏଥିପାଇଁ ତୁରନ୍ତ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ଯାହାକୁ ଔଷଧ ଦୋକାନରେ ମୁକିବାଲା କରିବା ସମ୍ଭବ ନୁହେଁ। ଉଲ୍ଲେଖଯୋଗ୍ୟ ଯେ ୨୦୨୩ ମସିହାରେ ଯାଜପୁର ଜିଲ୍ଲାରେ ଡାଇରିଆରେ ପୀଡ଼ିତ ୬ବର୍ଷର ଜଣେ ପିଲାକୁ ଔଷଧ ଦୋକାନରେ ୨ଟି ଇଞ୍ଜେକସନ୍ ଦିଆଯାଇଥିଲା। ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପସନ୍‌ରେ ଏହି ଇଞ୍ଜେକସନ୍ ଦିଆଯାଇଥିବା ବେଳେ ପିଲାଟି ଅଚେତ ହୋଇ ଯାଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିଲାକୁ ମୃତ ଘୋଷଣା କରାଯାଇଥିଲା। ଏ ନେଇ ମୃତକଙ୍କ ପରିବାର ଲୋକ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସେହିପରି ୨୦୨୦ ମସିହାରେ ଢେଙ୍କାନାଳରେ ଏକ ଔଷଧ ଦୋକାନରେ ୨୭ ବର୍ଷର ଜଣେ ଯୁବକ ଡାଏକ୍ଲୋଫିନାକ୍ ପେନ୍‌କିଲର ଇଞ୍ଜେକସନ୍ ନେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଲିସ ସଂପୃକ୍ତ ଦୋକାନକୁ ସିଲ୍ କରିଥିଲା।

# ଚୋରଙ୍କ ମାଡ଼ରେ ଜଣେ ବୃଦ୍ଧା ମୃତା ଓ ଜଣେ ଗୁରୁତର



ଯାଜପୁର: ଚୋର ମାଡ଼ରେ ଜଣେ ବୃଦ୍ଧା ମୃତା ଓ ଆଉ ଜଣେ ଗୁରୁତର। ମୃତା ହେଲେ କୈଶଲ୍ୟା ପତି(୭୭)। ଗୁରୁତରଜଣକ ହେଲେ ସ୍ୱାମୀ ପରିତ୍ୟକ୍ତା ମମତା ପତି (୫୫)। ଦୁଇଚୋର ଚୋରି କରିବାକୁ ଆସିଥିଲେ। ଚୋରମାନଙ୍କ ଭିତରୁ ଜଣେ ସ୍ଥାନୀୟ ଗୋବଣ୍ଡିଆ ଗ୍ରାମର କେଳା ବୋଲି ମୃତ ବୃଦ୍ଧା ଓ ଝିଅ ଚିହ୍ନିଥିବା କହିଛନ୍ତି।

ଚୋର ମାଡ଼ରେ ଜଣେ ବୃଦ୍ଧା ମୃତା ଓ ଆଉ ଜଣେ ଗୁରୁତର। ମୃତା ହେଲେ କୈଶଲ୍ୟା ପତି(୭୭)। ଗୁରୁତରଜଣକ ହେଲେ ସ୍ୱାମୀ ପରିତ୍ୟକ୍ତା ମମତା ପତି (୫୫)। ଦୁଇଚୋର ଚୋରି କରିବାକୁ ଆସିଥିଲେ। ଚୋରମାନଙ୍କ ଭିତରୁ ଜଣେ ସ୍ଥାନୀୟ ଗୋବଣ୍ଡିଆ ଗ୍ରାମର କେଳା ବୋଲି ମୃତ ବୃଦ୍ଧା ଓ ଝିଅ ଚିହ୍ନିଥିବା କହିଛନ୍ତି। ଏଣେ ବାଲିଚନ୍ଦ୍ରପୁର ପୁଲିସ ମଙ୍ଗୁଳି ନାମକ ଜଣେ ଯୁବକକୁ ଥାନାକୁ ନେଇ ଅଟକ ରଖିଛନ୍ତି। ତାଙ୍କ ଘର ବାଲିପଡିଆ ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମରେ। ଏଣେ ବାଲିଚନ୍ଦ୍ରପୁର ପୁଲିସ ମଙ୍ଗୁଳି ନାମକ ଜଣେ ଯୁବକକୁ ଥାନାକୁ ନେଇ ଅଟକ ରଖିଛନ୍ତି। ତାଙ୍କ ଘର ବାଲିପଡିଆ ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମରେ। ଅନ୍ୟଜଣେ ଅଭିଯୁକ୍ତ ବଳିଆ ଦାସ ବୋଲି କୁହାଯାଉଛି।

# ତାତି ସହ ବଢୁଛି ସରବତ ଚାହିଦା

## ଖରାରେ ତରଭୁଜର ମଜା, ଲେମ୍ବୁପାଣିରେ ନଣ୍ଡାବଗୁଲି

ଭୁବନେଶ୍ୱର: ଫେବ୍ରୁଆରି ଶେଷରୁ ମେ' ମାସ ଖରା। ମୁଣ୍ଡଫଟା ଖରାକୁ ଅସହ୍ୟ ଗରମରେ ମନ ଖୋଜୁଛି ଥଣ୍ଡା ପାଣି। ଏଣୁ ବେପାରୀ ବି ଏହି ସୁଯୋଗକୁ ହାତଛଡ଼ା କରିନାହାନ୍ତି। ରାସ୍ତାକଡ଼ରେ ପସରା ମେଲିଛନ୍ତି। କେଉଁଠି ମାଟିହାଣ୍ଡିରେ ଲସି ମିଳୁଛି ତ ଆଉ କେଉଁଠି ଗୁଡ଼



ବେଲ ପଣା, ଆଖୁରସ, ଲେମ୍ବୁ ମିଶ୍ରି ପାଣି, ପୁଦିନା ପାଣି, ଆମ୍ବ ସର୍ବତ ଓ ନାଣ୍ଡି ବଗୁଲି ବିକ୍ରି ହେଉଛି। ଖରାଦିନିଆ ଫଳର ବି ଚାହିଦା ବଢ଼ିଛି। ତରଭୁଜ, ଅଙ୍ଗୁର, ସପୁରି ଆଦି ରାସ୍ତାକଡ଼ରେ ଛାଇଯାଇଛି। ଏହି ସମୟରେ ଆମ୍ବ ଆସିନଥାଏ। କିନ୍ତୁ କିଛି ଜାଗାରେ ଆମ୍ବ ସର୍ବତ ବିକ୍ରି ଆରମ୍ଭ ହେଲାଣି। ପଇଡ଼ ଓ ଆଖୁରସ ବେପାର ମଧ୍ୟ ଜମୁଛି।

ଖରାକୁ ନଜରରେ ରଖି ସହରରେ ତରଭୁଜ ବିକ୍ରି ବଢ଼ିଛି। ଦୋକାନଗୁଡ଼ିକରେ ତରଭୁଜ କେଜି ୨୫ଟଙ୍କା ଥିବାବେଳେ ଖଣ୍ଡକୁ ୧୦ଟଙ୍କାରେ ବିକ୍ରି ହେଉଛି। ଢେଙ୍କାନାଳ, କେନ୍ଦୁଝର, ବାଲେଶ୍ୱର, ଗୋପ ଆଦି ଅଞ୍ଚଳରୁ ଏହା ଆସୁଛି। ଦିନକୁ ପ୍ରାୟ ୧ କ୍ୱିଣ୍ଟାଲ୍ ଭିତରେ ତରଭୁଜ ବିକ୍ରି ହୋଇଯାଉଛି। ତେବେ ଏନେଇ ୟୁନିଟ୍ ୪ର ବ୍ୟବସାୟୀ ରାମନାଥ ସାହୁଙ୍କ କହିବା ଅନୁଯାୟୀ ଯଦିଓ ଖରା ଯୋଗୁବେପାର ଭଲ ହେଉଛି। ହେଲେ ଏତେ ଖରାରେ କିଛି ପଚି ଯାଇ ନଷ୍ଟ ମଧ୍ୟ ହୋଇଯାଉଛି। ଆଗକୁ ଆହୁରି ବେପାର ବଢ଼ିବ ବୋଲି ଆଶା ରହିଛି।

ଓଡ଼ିଆ ଘରମାନଙ୍କରେ ଲେମ୍ବୁ ସରବତ ବେଶ୍ ଜଣାଶୁଣା। ତେବେ ଏହି ସର୍ବତକୁ ଅଧିକ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟ ପାଇଁ ହିତକର କରିବାକୁ ଏଥିରେ ନଣ୍ଡାବଗୁଲିର ମିଶ୍ରଣ ଦେଖିବାକୁ ମିଳୁଛି। ଫଳସ୍ୱରୁପ ଲୋକମାନେ ଅନ୍ୟ ଥଣ୍ଡା ପାନୀୟ ବଦଳରେ ଏହାକୁ ପିଇବାକୁ ବେଶି ଚାହୁଛନ୍ତି। ଏହାବ୍ୟତୀତ ଲେମ୍ବୁ ସହିତ ପୁଦିନା ପତ୍ର, ଆମ୍ବଅଦା, କଞ୍ଚାଲଙ୍କା, ଜଲ୍‌ଜିରା, ପାନମଧୁରୀ ମିଶ୍ରିତ ପାନୀୟର ମଧ୍ୟ ବେଶ ଚାହିଦା ରହିଛି। ୟୁନିଟ୍ ୩ର ବ୍ୟବସାୟୀ ରବୀନ୍ଦ୍ର କୁମାର ପଣ୍ଡାଙ୍କ କହିବା ଅନୁଯାୟୀ ସେ ଦୀର୍ଘ ୩୫ ବର୍ଷ ହେଲାଣି ଖରାଦିନେ ଏହି ବେପାର କରୁଛନ୍ତି। ପ୍ରଥମେ ଏକ ଟଙ୍କାର ରସନା ପାଣିରୁ ତାଙ୍କର ବେପାର ଆରମ୍ଭ ହୋଇଥିଲା। ଏହା ପରେ ଲେମ୍ବୁ ଓ ପୋଦିନା ମିଶା ସର୍ବତର ଚାହିଦା ବଢ଼ିଲା। ହେଲେ ବର୍ତ୍ତମାନ ନଣ୍ଡାବଗୁଲି ସର୍ବତକୁ ସମସ୍ତେ ପସନ୍ଦ କରୁଛନ୍ତି। ପ୍ରତିଦିନ ତାଙ୍କର ପାଖାପାଖି ୨୦୦ ଗ୍ଲାସ୍ ସର୍ବତ ବିକ୍ରି ହେଉଛି। ଗ୍ଲାସ୍ ର ଦାମ୍ ୧୦ ଟଙ୍କା ହୋଇଥିବାରୁ ଲୋକଙ୍କ ପକେଟ୍‌କୁ ଏହା ସୁହାଉଛି। ଏବେ ଖରା ଶୀଘ୍ର ଆସିଯାଇଥିବାରୁ ଯଥେଷ୍ଟ ପୂର୍ବରୁ ବେପାର ହେଉଛି।

# ପ୍ରେମିକା ଘରେ ପଙ୍ଖାରେ ଝୁଲିପଡ଼ିଲେ: ଷଡଯନ୍ତ୍ର ଅଭିଯୋଗ ଆଣିଲେ ପ୍ରେମିକଙ୍କ ପରିବାର

ଭୁବନେଶ୍ୱର: ଆଜି ରାଜଧାନୀ ଉପକଣ୍ଠ ଗୋଠପାଟଣାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ପ୍ରେମିକାଙ୍କ ଘରେ ପ୍ରେମିକ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଭୁବନେଶ୍ୱର ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ରହୁଥିବା କେନ୍ଦ୍ରାପଡ଼ା ଅନ୍ତେଇପହିଲ ଗାଁର ପ୍ରଭୁ ମହିମା ବେହେରା। ଦୁଇ ବର୍ଷର ପ୍ରେମ ସମ୍ପର୍କ ଥିବା ସତ୍ତ୍ୱେ ହଠାତ୍ କଣ ପାଇଁ ପ୍ରଭୁ




ମହିମା ଏଭଳି କାଣ୍ଡ ଭିଆଇଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ପଛରେ କୌଣସି ଷଡ୍‌ଯନ୍ତ୍ର ଥିବା ସନ୍ଦେହ କରି ପ୍ରଭୁ ମହିମାଙ୍କ ପରିବାର ଲୋକେ ଚନ୍ଦକା ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଚନ୍ଦକା ଥାନା ପୁଲିସ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଘଟଣାର ଅଧିକ ଖୋଳତାଡ଼ କରୁଛି। ପ୍ରଭୁ ମହିମାଙ୍କ ବାପା ଜଣେ ସିଆର୍‌ପିଏଫ୍ ଯବାନ। ସେ ଭୁବନେଶ୍ୱର ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ରହୁଛନ୍ତି। ପ୍ରଭୁ ମହିମା ଡିପ୍ଲୋମା ପାସ୍ କରି ଚାକିରି ଅନ୍ୱେଷଣରେ ଥିଲେ। ଏହା ଭିତରେ ସେ ଗୋଠପାଟଣାରେ ଭଡ଼ାଘରେ ରହୁଥିବା ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ପ୍ରାୟ ୨ ବର୍ଷ ହେଲା ସେମାନେ ମିଳାମିଶା କରୁଥିଲେ ଏବଂ ସେମାନେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇସାରିଥିଲେ। ତେଣୁ ପ୍ରଭୁ ମହିମା ବହୁ ସମୟରେ ଯୁବତୀଙ୍କ ଘରକୁ ଯାଇ ରହୁଥିଲେ। ଗତକାଲି ସନ୍ଧ୍ୟାରେ ସେ ପ୍ରେମିକାଙ୍କ ଘରକୁ ଯାଇଥିଲେ ଏବଂ ଆଜି ଅପରାହ୍ଣ ପ୍ରାୟ ୨ଟା ବେଳେ ମା'ଙ୍କୁ ଫୋନ୍ କରି ଗୋଠପାଟଣାରେ ଥିବା ଜଣାଇଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ପ୍ରଭୁ ମହିମାଙ୍କ ଘରକୁ ଫୋନ୍ ଆସିଥିଲା କି ସେ ଅସୁସ୍ଥ ଏବଂ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅଛନ୍ତି।

ପରିବାର ଲୋକେ ହସ୍ପିଟାଲ୍‌ରେ ପହଞ୍ଚିବା ପରେ ଜାଣିବାକୁ ପାଇଲେ ଯେ ପ୍ରଭୁ ମହିମାଙ୍କ ମୃତ୍ୟୁ ହୋଇସାରିଛି। ଯୁବତୀଙ୍କ କହିବା କଥା କୌଣସି କାରଣକୁ ନେଇ ଝଗଡ଼ା ହେବାରୁ ପ୍ରଭୁ ମହିମା ତାଙ୍କୁ ବାଥ୍‌ରୁମ୍‌ରେ ବନ୍ଦ କରିଦେଲେ ଏବଂ ନିଜେ ଅନ୍ୟ ଏକ ରୁମ୍‌କୁ ଯାଇ କବାଟ କିଳି ଫ୍ୟାନ୍‌ରେ ଝୁଲିପଡ଼ିଲେ। ଯୁବତୀ ବାଥ୍‌ରୁମ୍‌ର କବାଟ ଭାଙ୍ଗି ବାହାରକୁ ଆସିବା ପରେ ପ୍ରଭୁ ମହିମାଙ୍କ ସାଙ୍ଗମାନଙ୍କୁ ଡାକିଥିଲେ। ପ୍ରଭୁଙ୍କ ୩ ସାଙ୍ଗ ପହଞ୍ଚିବା ପରେ ସେମାନେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ପ୍ରଥମେ ସମ୍ ହସ୍ପିଟାଲ୍ ଓ ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନେଇଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଚନ୍ଦକା ଥାନା ପୁଲିସ କହିବା କଥା ପ୍ରଭୁଙ୍କ ମୃତଦେହକୁ କିଭଳି ଉଦ୍ଧାର କରାଗଲା, ସେନେଇ ଛାନ୍‌ଭିନ୍ ଚାଲିଛି। ଯୁବତୀଙ୍କ ଫୋନ୍ ପାଇ ଘଟଣାସ୍ଥଳକୁ ଆସିଥିବା ପ୍ରଭୁଙ୍କ ସାଙ୍ଗମାନଙ୍କୁ ପୁଲିସ ପଚରାଉଚରା କରୁଛି। ସେହିଭଳି ଅଘଟଣ ପୂର୍ବରୁ ଯୁବତୀଙ୍କ ସହ ପ୍ରଭୁ ମହିମାଙ୍କର କଣ ପାଇଁ ଝଗଡ଼ା ହେଲା, ସେନେଇ ଯୁବତୀଙ୍କୁ ଜେରା କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ଓ ସମସ୍ତଙ୍କୁ ଜେରା କରାଯିବା ପରେ ସବୁ ସତ୍ୟ ପଦାକୁ ଆସିଯିବ ବୋଲି ପୁଲିସ କହିଛି।

# ବିକଳାଙ୍ଗ ଟ୍ରାଫିକ୍ ପୋଷ୍ଟ: ଡମଣାରେ ନାହିଁ, ପଟିଆ ଓ କିଟ୍‌ରେ ଭାଙ୍ଗିଯାଇଛି

ଚନ୍ଦ୍ରଶେଖରପୁର: ଦିନେ କି ମାସେ ନୁହେଁ। ୬ ମାସ ବିତିଗଲାଣି। ପୁନଃନିର୍ମାଣ ହୋଇପାରୁ ନାହିଁ ଡମଣା ଟ୍ରାଫିକ୍ ପୋଷ୍ଟ। ନଭେମ୍ବର ପ୍ରଥମ ସପ୍ତାହରେ ଏକ ଭୟଙ୍କର ଦୁର୍ଘଟଣାରେ ଟ୍ରାଫିକ୍ ପୋଷ୍ଟ ଭାଙ୍ଗିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂଆ ନିର୍ମାଣ କରାଯାଇ ନାହିଁ। ପରିଣାମ ସ୍ୱରୂପ ଖରାରୁ ରକ୍ଷା ପାଇବାକୁ ଟ୍ରାଫିକ୍ ପୁଲିସ କେତେବେଳେ ଗଛ ଛାଇରେ ଛିଡ଼ା ହୋଇ ଟ୍ରାଫିକ୍ ପରିଚାଳନା କରୁଛନ୍ତି ତ ଆଉ କେବେ ଟାଇଁ ଟାଇଁ ଖରାରେ ଦିନ କଟୁଛି। କର୍ମଚାରୀମାନେ ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀମାନଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଅଣାଯାଇପାରି ନାହିଁ। କେବେ ହେବ ସେନେଇ ମଧ୍ୟ କାହା ପାଖରେ ଉତ୍ତର ନାହିଁ। କେବଳ ଡମଣା ଟ୍ରାଫିକ୍ ଛକ ନୁହେଁ, ପଟିଆ ଓ କିଟ୍ ଛକରେ ଅବସ୍ଥା ମଧ୍ୟ ଦୟନୀୟ। ଛକରେ ଥିବା ଟ୍ରାଫିକ୍ ପୋଷ୍ଟ ଭଙ୍ଗି ଯାଇଥିବାରୁ ଡ୍ୟୁଟି କରୁଥିବା ପୁଲିସ୍ କର୍ମଚାରୀ ଘଣ୍ଟା ଘଣ୍ଟା ଖରାରେ ଠିଆ ହୋଇ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଛି। ୬ମାସ ତଳେ ବିଳମ୍ବିତ ରାତିରେ ଏକ ହାଇୱା ଧକ୍କାରେ ଡମଣା ଟ୍ରାଫିକ୍ ପୋଷ୍ଟ ଚୁରମାର ହୋଇଥିବା ବେଳେ ପଟିଆ ଛକରେ ମଧ୍ୟ ସମାନ ପ୍ରକାର ଦୁର୍ଘଟଣା ହୋଇଥିଲା। ବିଳମ୍ବିତ ରାତିରେ ଏକ ମୋରମ୍ ବୋଝେଇ ଟ୍ରକ୍ ଟ୍ରାଫିକ୍ ପୋଷ୍ଟକୁ ଧକ୍କା ଦେବାରୁ ତାହା ଭାଙ୍ଗିଯାଇଛି। ପାଖାପାଖି ସପ୍ତାହେ ହେଲା ଟ୍ରାଫିକ୍ ପୋଷ୍ଟ ଅଧା ଭଙ୍ଗା ଅବସ୍ଥାରେ ରହିଥିବାରୁ ଟ୍ରାଫିକ୍ କର୍ମଚାରୀ ସେଠାରେ କାର୍ଯ୍ୟ କରିପାରୁ ନାହାନ୍ତି। ବାଧ ହୋଇ ନିକଟରେ ଥିବା ଗଛ ମୂଳେ ଛିଡ଼ା



### କାହା ଦାନକୁ ଚାହିଁରହିଛି କମିସନରେଟ୍ ପୁଲିସ
### ଲୋକଙ୍କ କଥା ବୁଝିଲେ, ଟ୍ରାଫିକ କର୍ମଚାରୀଙ୍କୁ ଭୁଲିଗଲେ

ହୋଇ ଟ୍ରାଫିକ୍ ପରିଚାଳନା କରୁଛନ୍ତି। ସେହିପରି କିଟ୍ ଛକ ଟ୍ରାଫିକ୍ ପୋଷ୍ଟ କଥା ନ କହିବା ଭଲ। କିଛି ଦିନ ପୂର୍ବେ ଏକ ଦ୍ରୁତଗାମୀ କାର୍ ଜନଗହଳି ସମୟରେ ଟ୍ରାଫିକ୍ ପୋଷ୍ଟକୁ ଧକ୍କା ଦେଇ ଚାଲିଯାଇଥିଲା। ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଟ୍ରାଫିକ୍ ପୋଷ୍ଟ ରହିଥିବାରୁ ପୁଲିସ୍ କର୍ମଚାରୀ ସେଠାରେ ଡ୍ୟୁଟି କରିବାକୁ ସୁରକ୍ଷିତ ମଣୁନାହାନ୍ତି।

ଏନେଇ ଟ୍ରାଫିକ୍ ପୋଷ୍ଟଗୁଡ଼ିକର ମରାମତି ଓ ଡ଼ମଣା ଛକରେ ନୂଆ ପୋଷ୍ଟ ନିର୍ମାଣ କରିବାକୁ କର୍ମଚାରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ଓ ମରାମତି କରିବାକୁ କୌଣସି ସଂସ୍ଥାର ସହାୟତାକୁ ଉପରିସ୍ଥ ଅଧିକାରୀମାନେ ଚାହିଁ ରହିଛନ୍ତି। ଯଦି କୌଣସି ବ୍ୟାଙ୍କ କିମ୍ବା ଘରୋଇ ସଂସ୍ଥା ସେମାନଙ୍କ ସିଏସ୍ଆର ଫଣ୍ଡ୍‌ରୁ ଅର୍ଥ ଯୋଗାଇ ଦେବେ ତାହା ହେଲେ ଟ୍ରାଫିକ୍ ପୋଷ୍ଟର ମରାମତି ହେବ। ନ ହେଲେ ଟ୍ରାଫିକ୍ ପୁଲିସ କର୍ମଚାରୀ ଏମିତି ଖରାରେ ସିଝି କାମ କରୁଥିବେ।

ଅନ୍ୟପକ୍ଷରେ ଟାଣ ଖରାରୁ ପଥଚାରୀଙ୍କୁ ସୁରକ୍ଷା ଦେବାକୁ ଏହି ଟ୍ରାଫିକ୍ ଛକଗୁଡ଼ିକରେ ସେଡ୍ ହେଉଛି। ଗୋଲାପି ଓ ସବୁଜ ରଙ୍ଗର କପଡ଼ା ଟାଙ୍ଗି କାର୍, ମୋଟର ସାଇକେଲ୍ ଚାଳକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ଖରାରୁ ଟିକିଏ ଆଶ୍ୱସ୍ତି ଦେବାକୁ ବ୍ୟବସ୍ଥା ହୋଇଥିବାରୁ ମୁଣ୍ଡ ଫଟା ଖରାରୁ ପଥଚାରୀ ଟିକିଏ ତ୍ରାହି ପାଉଛନ୍ତି। ହେଲେ ଯେଉଁମାନେ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ଆଦୌ ବ୍ୟବସ୍ଥା ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଖାଲଖମାରେ ଭର୍ତ୍ତି ୧୬ନମ୍ବର ଜାତୀୟ ରାଜପଥ

ବାଲିଅନ୍ତା ବଜାର: ହଂସପାଳ ଛକ ନିକଟରେ ୧୬ନମ୍ବର ଜାତୀୟ ରାଜପଥ ଖାଲଖମାରେ ଭର୍ତ୍ତି ହୋଇଛି। ଯାହାଫଳରେ ପ୍ରତ୍ୟେକ ଦିନ ଏଠାରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରିଥିଲେ ବି ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ମରାମତି ପାଇଁ ଆଗ୍ରହ ଦେଖାଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହଂସପାଳ ଛକର ଉଭୟ ପାର୍ଶ୍ୱ ରାସ୍ତାଗୁଡ଼ିକ ମରଣଯନ୍ତା ପାଲଟିଥିବା ବେଳେ ଏହାର ଶୀଘ୍ର ମରାମତି ନ କଲେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

ଦେଖାଯାଇଛି ଯେ, ହଂସପାଳ ଛକ ଅଣ୍ଡରପାସ୍ ସଂଲଗ୍ନ ଜାତୀୟ ରାଜପଥ ଖାଲଖମାରେ ପରିପୂର୍ଣ୍ଣ। ରାସ୍ତାରେ ବଡ଼ବଡ଼ ଖାଲ ଥିବାରୁ ରାସ୍ତା ମଝିରେ ଏନ୍‌ଏଚ୍‌ଏଆଇ ସାଇନ୍ ବୋର୍ଡ ଲଗାଇଛି। ରାସ୍ତା ଖରାପ



ଅଛି, ଗାଡ଼ି ଧୀରେ ଚଳାଇବାକୁ ବୋର୍ଡରେ ଲେଖାଯାଇଛି। ହେଲେ ଏହି ସମସ୍ୟା ଆଜି କିମ୍ବା କାଲିର ନୁହେଁ, ମାସ ମାସ ଧରି ରାସ୍ତାର ଅବସ୍ଥା ବିଗିଡ଼ିବାରେ ଲାଗିଛି। ପ୍ରତିଦିନ ଖାଲରେ ପଡ଼ି ଅନେକ ଲୋକ ଆହତ ହେବା ସହ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏନେଇ କେନ୍ଦ୍ର ସରକାର ଓ ଏନ୍‌ଏଚ୍‌ଏଆଇଙ୍କୁ ସ୍ଥାନୀୟବାସିନ୍ଦା ଅନେକ ଥର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଖାଲୁଆ ସ୍ଥାନ ଜାଣି ନପାରି ଲୋକେ ଦୁର୍ଘଟଣାରେ ପଡୁଛନ୍ତି। ଫଳରେ ଲୋକମାନେ ବିପଦପୂର୍ଣ୍ଣ ଭାବରେ ରାସ୍ତା ପାରି ହେବାକୁ ବାଧ୍ୟ ହେଉଛନ୍ତି। ତେଣୁ ଆଣ୍ଡରପାସ୍‌ର ବର୍ଷାଜଳ ନିଷ୍କାସନ, ଖାଲଖମା ରାସ୍ତାର ମରାମତି କାର୍ଯ୍ୟ ବର୍ଷା ଦିନ ପୂର୍ବରୁ ସାରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଘରୁ ଡାକିନେଇ ହାଣିଦେଲେ, ୨ ସନ୍ଦିଗ୍ଧ ଅଟକ

ଜଟଣୀ: ଗତକାଲି ବିଳମ୍ବିତ ରାତିରେ ଜଟଣୀରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ବିକାଶନଗରର ରାକେଶ ଦଳେଇ ଓରଫ ମାନସଙ୍କୁ ଘରୁ ଡାକି ନେଇ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ଜଟଣୀ ଥାନା ପୁଲିସ ଘଟଣାସ୍ଥଳରୁ ଏକ କାର୍ ଓ ସ୍କୁଟି ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ମାନସ ଜଟଣୀ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଭାବେ ପରିଚିତ। ସେ ବିଭିନ୍ନ ପ୍ରକଳ୍ପକୁ ମୋରମ୍, ପଥର, ବାଲି, ଇଟା ଆଦି ଯୋଗାଇ ଥାଆନ୍ତି। ଏହି କାମକୁ ନେଇ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ନିକଟରେ ପଦନପୁରଠାରେ ନିର୍ମାଣ ହେଉଥିବା କ୍ୟାନ୍‌ସର ହସ୍ପିଟାଲ୍ ପ୍ରକଳ୍ପ କାମକୁ ନେଇ ମଧ୍ୟ ବିବାଦ ଉପୁଜିଥିଲା। ମାନସ ଜଣେ ରାଜନେତାଙ୍କ ନିକଟ ଲୋକ ହୋଇଥିବାରୁ ଏହି କାମ ହାତେଇଥିଲେ।

ଏଥିପାଇଁ ପ୍ରତିଦ୍ୱନ୍ଦ୍ୱୀମାନେ ନିରବ ରହିଥିଲେ। କିନ୍ତୁ ସେମାନଙ୍କ ଭିତରେ ରାଗ କୁହୁଳିବାରେ ଲାଗିଥିଲା। ସେମାନେ ମାନସଙ୍କୁ ରାସ୍ତାରୁ ହଟାଇ ଦେବାକୁ ନକ୍ସା ପ୍ରସ୍ତୁତ କରିଥିଲେ। ଗତକାଲି ରାତି ପ୍ରାୟ ୧୨ଟା ସମୟରେ ଦୁର୍ବୃତ୍ତମାନେ ମାନସଙ୍କ ଘରେ ପହଞ୍ଚିଥିଲେ। କୌଣସି ଏକ କାମ ବାବଦରେ ଆଲୋଚନା କରିବା ପାଇଁ ସାଙ୍ଗରେ ଯିବାକୁ କହିଥିଲେ। ମାନସ ନିଜ କାର୍ ନେଇ ବାହାରିଥିଲେ। ହତ୍ୟାକାରୀଙ୍କ ମଧ୍ୟରୁ ଦୁଇ ଜଣ କାର୍‌ରେ ବସିଥିଲେ ଏବଂ ଅନ୍ୟମାନେ ବାଇକ୍ ନେଇ ପଛରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମାନସଙ୍କ ଘର ନିକଟରେ ନିଜ ବାଇକ୍ ରଖି ଯାଇଥିଲେ। ଷଣ୍ଢପୁରସ୍ଥିତ ଜଟଣୀ ଆଦର୍ଶ ବିଦ୍ୟାଳୟ ସାମ୍ନାରେ ସେମାନଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା। ପରେ ରାତି ପ୍ରାୟ ୧.୩୦ ସମୟରେ ମାନସଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌କୁ ପଠାଇଥିଲା। ପୁଲିସ ଘଟଣାସ୍ଥଳରୁ ମାନସଙ୍କ କାର୍ ଓ ଏକ ସ୍କୁଟିକୁ ଜବତ କରିଥିଲା। ଡିସିପି ଜଗମୋହନ ମିନା କହିଛନ୍ତି ଯେ କିଛି ଅଭିଯୁକ୍ତଙ୍କ ପରିଚୟ ମିଳିଛି। ଘଟଣାରେ ପୁଲିସର ୩ଟି ଟିମ୍ ତଦନ୍ତ କରୁଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ୟୁନୁସ୍‌ଙ୍କୁ ମୋଦୀଙ୍କ ଚେତାବନୀ: କ୍ଷତିକାରକ ବୟାନବାଜିରୁ ଦୂରେଇ ରୁହନ୍ତୁ



ନୂଆଦିଲ୍ଲୀ: ୨୦୨୪ ଅଗଷ୍ଟରେ ଶେଖ୍ ହସିନାଙ୍କ ବହିଷ୍କାର ପରେ ବ୍ୟାଙ୍କକରେ ଅନୁଷ୍ଠିତ ବଙ୍ଗୋପସାଗର ବହୁକ୍ଷେତ୍ରୀୟ ଓ ବୈଷୟିକ ସହଯୋଗ ଉଦ୍ୟମ (ବିମ୍?ଷ୍ଟେକ୍) ଶିଖର ସମ୍ମିଳନୀ ଅବସରରେ ଶୁକ୍ରବାର ପ୍ରଥମ ଥର ପାଇଁ ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାକ୍ଷାତ୍ ଓ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଏହି ଅବସରରେ ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ଆଣିବା ଭଳି ବୟାନବାଜିରୁ ଦୂରେଇ ରହିବାକୁ ୟୁନୁସଙ୍କୁ ମୋଦୀ ଚେତାବନୀ ଦେଇଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଗଣତାନ୍ତ୍ରିକ, ସ୍ଥିର, ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ଓ ଅନ୍ତର୍ଭୁକ୍ତ ବାଂଲାଦେଶକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବାଂଲାଦେଶ ସହ ଏକ ସକାରାତ୍ମକ ଓ ଗଠନମୂଳକ ସମ୍ପର୍କ ସ୍ଥାପନ ପାଇଁ ଭାରତର ଇଚ୍ଛା ଉପରେ ସେ ଆଲୋକପାତ କରିଥିଲେ ବୋଲି ବୈଦେଶିକ ସଚିବ ବିକ୍ରମ ମିସ୍ରି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଚୀନ୍?କୁ ନିଜର ଅର୍ଥନୈତିକ ପ୍ରଭାବ ବିସ୍ତାର କରିବାକୁ ପ୍ରୋତ୍ସାହିତ କରୁଥିବା ୟୁନୁସ୍ ନିକଟରେ ଦେଇଥିବା ବୟାନକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଏହି ମନ୍ତବ୍ୟ ଆସିଛି। ବାଂଲାଦେଶକୁ ଏହି ଅଞ୍ଚଳ ପାଇଁ ସମୁଦ୍ରର ଏକମାତ୍ର ରକ୍ଷକ ବୋଲି ତାଙ୍କ ମନ୍ତବ୍ୟ ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ଯାହା ପରେ ବାଂଲାଦେଶୀ ଅଧିକାରୀମାନେ ସ୍ପଷ୍ଟୀକରଣ ଦେଇଥିଲେ। ଉତ୍ତେଜନା ହ୍ରାସ କରିବା ପାଇଁ ଢାକା ବିମ୍?ଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ ୟୁନୁସ୍ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଏକ ବୈଠକ କରିବାକୁ ଚାହୁଁଥିଲା। ବିଶେଷ କରି ରାତିରେ ବେଆଇନ ସୀମା ପାର ହେବା ଉପରେ ରୋକ୍ ଲଗାଇବା ପାଇଁ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଉପରେ ମୋଦୀ ଗୁରୁତ୍ୱାରୋପ କରିବା ସହ ସୀମା ସୁରକ୍ଷା ଉପରେ ଆଲୋଚନା କରିଥିଲେ। ମୋଦୀ ଉଠାଇଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ହେଉଛି ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁଙ୍କ ସୁରକ୍ଷା, ଯାହା କି ଗତ କିଛି ମାସ ମଧ୍ୟରେ ବିପଦରେ ପଡିଛି। ବାଂଲାଦେଶ ସରକାର ସେମାନଙ୍କ ବିରୋଧରେ ହୋଇଥିବା ଆକ୍ରମଣ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆଶା ବ୍ୟକ୍ତ କରିଛନ୍ତି। ଆଲୋଚନାରେ ଆଞ୍ଚଳିକ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଥିବା ବେଳେ ମୋଦୀ ବାଂଲାଦେଶକୁ ବିମ୍?ଷ୍ଟେକ୍?ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ଏହି ମଞ୍ଚ ବାଂଲାଦେଶର ନେତୃତ୍ୱରେ ଆଞ୍ଚଳିକ ଏକୀକରଣକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

# ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ: ଭାରତରେ ପ୍ରତିଷ୍ଠା ହେବ 'ବିମ୍‌ଷ୍ଟେକ' ଉତ୍କର୍ଷ କେନ୍ଦ୍ର




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ୟାଙ୍କକ୍‌ରେ ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେଇ ଅନୁଷ୍ଠାନ ଏବଂ ଦକ୍ଷତା ବିକାଶ ଦିଗରେ ଭାରତ ନେତୃତ୍ୱାଧୀନ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ଷଷ୍ଠ ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି ସେକ୍ଟରାଲ ଟେକ୍‌ନିକାଲ ଆଣ୍ଡ ଇକୋନୋମିକ କୋଅପରେସନ୍) ଶିଖର ସମ୍ମିଳନୀରେ ଯୋଗଦେଇ ମୋଦୀ କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା, ସ୍ଥାୟୀ ସାମୁଦ୍ରିକ ପରିବହନ, ପାରମ୍ପରିକ ଔଷଧ ଏବଂ କୃଷିରେ ଗବେଷଣା ଓ ପ୍ରଶିକ୍ଷଣ ଉପରେ ଭାରତରେ ବିମ୍‌ଷ୍ଟେକ୍ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେ ଯୁବବର୍ଗଙ୍କୁ ଦକ୍ଷ କରିବା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ଘୋଷଣା କରିଥିଲେ - ବୋଧି (ମାନବ ସମ୍ବଳ ଭିତ୍ତିଭୂମିର ସଂଗଠିତ ବିକାଶ ପାଇଁ ବିମଷ୍ଟେକ୍) ଯାହା ଅଧୀନରେ ପେସାଦାର, ଛାତ୍ର, ଗବେଷକ, କୂଟନୀତିଜ୍ଞ ଏବଂ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଏବଂ ବୃତ୍ତି ପ୍ରଦାନ କରାଯିବ । ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଆଞ୍ଚଳିକ ଆବଶ୍ୟକତା ଆକଳନ କରିବା ପାଇଁ ଭାରତ ଦ୍ୱାରା ଏକ ପାଇଲଟ୍ ଅଧ୍ୟୟନ ଏବଂ ଏହି ଅଞ୍ଚଳରେ କର୍କଟ ଚିକିତ୍ସା ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ । ବୃହତ ଆଞ୍ଚଳିକ ଅର୍ଥନୈତିକ ସମନ୍ୱୟ ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ବିମଷ୍ଟେକ୍ ଚାମ୍ବର ଅଫ୍ କମର୍ସ ପ୍ରତିଷ୍ଠା କରିବା ଏବଂ ସଂଗଠିତ କରିବାକୁ ପ୍ରସ୍ତାବ ଦେଇଥିଲେ। ମୋଦୀ ଆଜି ବିମଷ୍ଟେକ୍ ସମ୍ମିଳନୀରେ ଯୋଗ ଦେବାପରେ ଶ୍ରୀଲଙ୍କା ଗସ୍ତରେ ବାହାରିଛନ୍ତି। ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ କ୍ରମେ ମୋଦୀ ୨ ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ଗସ୍ତ ଅବସରରେ ମୋଦୀ ଅନେକ ବରିଷ୍ଠ ପ୍ରତିନିଧି ଏବଂ ରାଜନେତାଙ୍କୁ ଭେଟିବେ।

# ନେପାଳରେ ୫.୦ ତୀବ୍ରତାର ଭୂମିକମ୍ପ

କାଠମାଣ୍ଡୁ: ନେପାଳରେ ସନ୍ଧ୍ୟା ୭:୫୨ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୦ ଥିଲା। ବର୍ତ୍ତମାନ ଏହି ଭୂମିକମ୍ପ ଯୋଗୁଁ କୌଣସି ମୃତାହତର ଖବର ନାହିଁ। ରିପୋର୍ଟ ଅନୁଯାୟୀ, ଉତ୍ତର ଭାରତରେ ମଧ୍ୟ ଭୂମିକମ୍ପର ମୃଦୁ ଝଟକା ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପଟି ୨୦ କିଲୋମିଟର ଗଭୀରତାରେ ଆସିଥିଲା। ଉତ୍ତରାଖଣ୍ଡର ପିଥୋରାଗଡ଼ ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା। ନେପାଳ ବିଶ୍ୱର ସବୁଠାରୁ ସକ୍ରିୟ ଭୂକମ୍ପୀୟ କ୍ଷେତ୍ର ମଧ୍ୟରୁ ଗୋଟିଏ, ଯେଉଁଠାରେ ଭୂମିକମ୍ପର ବିପଦ ନିରନ୍ତର ରହିଥାଏ। ଗତ ମାସ ୨୮ ତାରିଖରେ ଏକ ଶକ୍ତିଶାଳୀ ଭୂମିକମ୍ପ ମିଆଁମାର ଏବଂ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସେହି ଦିନ, ନେପାଳ ମଧ୍ୟ ସକାଳେ ୬.୧ ତୀବ୍ରତାର ଏକ ଭୂମିକମ୍ପର ସମ୍ମୁଖୀନ ହୋଇଥିଲା, ଯାହାର ଝଟକା ବିହାର, ସିଲିଗୁଡି ଏବଂ ଭାରତର ଅନ୍ୟାନ୍ୟ ପଡ଼ୋଶୀ ଅଞ୍ଚଳରେ ଅନୁଭୂତ ହୋଇଥିଲା। ଭାରତ ଏବଂ ତିବ୍ବତର ସୀମାବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନେ ମଧ୍ୟ ମିଆଁମାରରେ ଭୂମିକମ୍ପ ପୂର୍ବରୁ ସମାନ ଦିନରେ ଭୂମିକମ୍ପ ଅନୁଭବ କରିଥିବା ସୂଚନା ଦେଇଛନ୍ତି।

# ଶ୍ରୀଲଙ୍କାରେ ପହଞ୍ଚିବା ପରେ ମୋଦୀଙ୍କୁ 'ସାମରିକ ସମ୍ମାନ'

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ କାର୍ଯ୍ୟକାଳରେ ଶ୍ରୀଲଙ୍କାକୁ ପ୍ରଥମ ଗସ୍ତ ଆରମ୍ଭ କରିବା ସମୟରେ ଶନିବାର ଶ୍ରୀଲଙ୍କାରେ ଏକ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର (ସାମରିକ ସମ୍ମାନ) ଗ୍ରହଣ କରିଛନ୍ତି। ଭାରତ ମହାସାଗର ଅଞ୍ଚଳରେ ଚୀନର ପ୍ରଭାବ ବିସ୍ତାର ନେଇ ଚିନ୍ତା ମଧ୍ୟରେ ଉଭୟ ଦେଶ ପ୍ରତିରକ୍ଷା, ଶକ୍ତି, ଡିଜିଟାଲ୍ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବାଣିଜ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିବାର ଆଶା କରାଯାଉଛି।ଗତ ବର୍ଷ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ଗସ୍ତ ଏବଂ ୨୦୨୪ ମସିହାରେ ଦିଶାନାୟକେ ତାଙ୍କ କାର୍ଯ୍ୟକାଳ ଆରମ୍ଭ କରିବା ପରେ କୌଣସି ବିଦେଶୀ ନେତାଙ୍କ ଦ୍ୱାରା ମଧ୍ୟ ଏହା ପ୍ରଥମ ଗସ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୨୦୨୨ ମସିହାରେ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ସୃଷ୍ଟି କରିବା ପରେ ଶ୍ରୀଲଙ୍କାକୁ ପୁନର୍ନିର୍ମାଣରେ ସାହାଯ୍ୟ କରିବା ପାଇଁ ଭାରତର ପଦକ୍ଷେପକୁ ଆଗକୁ ବଢ଼ାପାରନ୍ତି। ସେ ଭାରତର ଜାତୀୟ ତାପଜ ବିଦ୍ୟୁତ୍ ନିଗମ ଏବଂ ଶ୍ରୀଲଙ୍କାର ସିଲନ୍ ବିଦ୍ୟୁତ୍ ବୋର୍ଡ ମଧ୍ୟରେ ତ୍ରିଙ୍କୋମାଲିରେ ୧୨୦ ମେଗାୱାଟ୍ ସୌର ବିଦ୍ୟୁତ୍ କେନ୍ଦ୍ର ପାଇଁ ମିଳିତ ଉଦ୍ୟମ ଭଳି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର କରିବାର ସମ୍ଭାବନା ଅଛି। ଯାହା ଦ୍ୱୀପ ରାଷ୍ଟ୍ରର ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବ। ବାଣିଜ୍ୟ, ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା ମଧ୍ୟ ଏଜେଣ୍ଡାରେ ରହିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଏପରି ଏକ ସମୟରେ ଆସିଛି; ଯେତେବେଳେ ତାମିଲନାଡୁ ଶ୍ରୀଲଙ୍କାରୁ କଚ୍ଛାଥିଭୁକୁ ପୁନରୁଦ୍ଧାର କରିବା ପାଇଁ ଏକ ପ୍ରସ୍ତାବ ପାରିତ କରିଛି

# ବଜେଟ୍ ଅଧିବେଶନ ଶେଷ, ୧୬ଟି ବିଲ୍ ଗୃହୀତ

ନୂଆଦିଲ୍ଲୀ: ୨୦୨୫ ଜାନୁଆରି ୩୧ତାରିଖରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଶେଷ ହୋଇଛି ଏବଂ ଆଜି ଉଭୟ ଗୃହକୁ ପରବର୍ତ୍ତୀ ମୌସୁମୀ ଅଧିବେଶନ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଅଧିବେଶନର ସଫଳତା ଉପରେ ଆଲୋକପାତ କରି ବାଚସ୍ପତି ଓମ୍ ବିର୍ଲା ଘୋଷଣା କରିଥିଲେ ଯେ ଗୃହରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି ଏବଂ ଉତ୍ପାଦକତା ୧୧୮ ପ୍ରତିଶତରେ ପହଞ୍ଚିଛି। ବାଚସ୍ପତିଙ୍କ ସୂଚନା ଅନୁସାରେ, ବଜେଟ୍ ଅଧିବେଶନରେ ୨୬ଟି ବୈଠକ ରହିଥିଲା, ଯେଉଁଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାରେ ୧୭୩ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ କେନ୍ଦ୍ର ବଜେଟ୍ ଉପରେ ଆଲୋଚନାରେ ୧୬୯ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ୧୦ଟି ସରକାରୀ ବିଲ୍ ପୁନଃ ଆଗତ କରାଯାଇଥିଲା ଏବଂ ସମୁଦାୟ ୧୬ଟି ବିଲ୍ ସଫଳତାର ସହ ପାରିତ ହୋଇଥିଲା। ସେ ଆହୁରି ଦର୍ଶାଇଛନ୍ତି ଯେ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଶୂନ୍ୟକାଳରେ ରେକର୍ଡ ୨୦୨ ଜଣ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ତେବେ ବିନା ଆଲୋଚନାରେ ୱକଫ୍ ସଂଶୋଧନ ବିଲ୍ ପାରିତ ହୋଇଛି ବୋଲି ରାହୁଲ ଗାନ୍ଧୀ କରିଥିବା ଦାବିକୁ ବିର୍ଲା ଖଣ୍ଡନ କରିଛନ୍ତି। ସେ ଗାନ୍ଧୀଙ୍କ ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ ଓ ଗୃହର ମର୍ଯ୍ୟାଦାବିରୋଧୀ ବୋଲି କହିଛନ୍ତି। ବିରୋଧ ସତ୍ତ୍ୱେ ବାଚସ୍ପତି ତାଙ୍କର ଶେଷ ମନ୍ତବ୍ୟ ଜାରି ରଖି ପରବର୍ତ୍ତୀ ଅଧିବେଶନ ଡାକିବା ପର୍ଯ୍ୟନ୍ତ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଥିଲେ।

ପାରିତ ହୋଇଥିବା ବିଲ୍ ତାଲିକା

ୱକଫ୍ ସଂଶୋଧନ ବିଲ୍  
ମୁସଲମାନ ୱକଫ୍ (ଉଚ୍ଛେଦ) ବିଲ୍ ୨୦୨୫  
ଆପ୍ରବାସନ ଓ ବିଦେଶୀ ନାଗରିକ ବିଲ୍  
ଅର୍ଥ ବିଲ୍, ୨୦୨୫  
ବିମାନ ଚଳାଚଳ ସଂସ୍କାର ବିଲ୍, ୨୦୨୫  
ଗୋଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁସୂଚିତ ଜନଜାତି ପ୍ରତିନିଧିତ୍ୱର ପୁନର୍ବିଚାର ବିଲ୍  
ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ବିଲ୍, ୨୦୨୫  
ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ବିଲ୍  
ରେଳ ସଂଶୋଧନ ବିଲ୍  
ତୈଳ କ୍ଷେତ୍ର (ନିୟନ୍ତ୍ରଣ ଓ ବିକାଶ) ସଂଶୋଧନ ବିଲ୍  
ବ୍ୟାଙ୍କିଂ ଆଇନ (ସଂଶୋଧନ) ବିଲ୍  
ବଏଲର୍ସ ବିଲ୍, ୨୦୨୪  
ପରିବହନ ବିଲ୍ (ବିଲ୍ ଅଫ୍ ଲୋଡିଂ)  
ଜଳ ପଥରେ ସାମଗ୍ରୀ ପରିବହନ ବିଲ୍, ୨୦୨୪  
ଉପକୂଳ ଜାହାଜ ଚଳାଚଳ ବିଲ୍  
ମର୍ଚ୍ଚାଣ୍ଟ ସିପିଂ ବିଲ୍

# ୨୦୦୮ ଜୟପୁର ସିରିଜ୍ ବିସ୍ଫୋରଣ: ୪ ଅଭିଯୁକ୍ତ ଦୋଷୀ

ଜୟପୁର: ୨୦୦୮, ମେ ୧୩ରେ ରାଜସ୍ଥାନର ଜୟପୁର ସହରର ୯ଟି ସ୍ଥାନରେ ସିରିଜ୍ ବିସ୍ଫୋରଣ ହୋଇଥିଲା। ଏଥିରେ ୭୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୮୫ଜଣ ଆହତ ହୋଇଥିଲେ। ଏହି ଘଟଣାର ୧୮ ବର୍ଷ ପରେ ଆଜି ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ମାମଲାର ଅଭିଯୁକ୍ତ ଶାହବାଜ ହୁସେନ୍, ମହମ୍ମଦ ସରୱାର ଆଜମୀ, ମହମ୍ମଦ ସୈଫ୍ ଓ ସେଫୁର ରହମାନଙ୍କୁ ସ୍ୱତନ୍ତ୍ର କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡାଦେଶ ସୋମବାର ଘୋଷଣା ହେବ। ଆଜି, ସ୍ୱତନ୍ତ୍ର କୋର୍ଟ ଜଜ୍ ରମେଶ କୁମାର ଯୋଶୀ ମାମଲାର ରାୟ ଶୁଣାଇଥିଲେ। ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ), ବିସ୍ଫୋରକ ସାମଗ୍ରୀ ନିରୋଧ ଆଇନ ଓ ଅନ୍ୟ ଆଇପିସି ଧାରାରେ ସମସ୍ତ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସୂଚନାଯୋଗ୍ୟ, ଘଟଣା ଦିନ ସାଇକଲରେ ବୋମା ଖଞ୍ଜା ଯାଇ ମାନକ ଚୌକ ଖାଣ୍ଡା, ଚାନ୍ଦପୋଲ ଗେଟ୍, ବଡ଼ି ଚୌପାଡ୍, ଛୋଟି ଚୌପାଡ଼୍, ତ୍ରିପୋଲିଆ ଗେଟ୍, ଜୋହରି ବଜାର ଓ ସୀଙ୍ଗାନେରୀ ଗେଟ୍‌ରେ ରାତି ୭ଟା ୨୦ରୁ ୭ଟା ୪୫ ମଧ୍ୟରେ ୯ଟି ବିସ୍ଫୋରଣ କରାଯାଇଥିଲା। ଶ୍ରୀରାମଚନ୍ଦ୍ର ମନ୍ଦିର ନିକଟରେ ବୋମା ଫୁଟିନଥିଲା। ଏଥିରେ ୭୧ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ଶୁଣାଣି ଡିସେମ୍ବର ୨୦୦୮ରୁ ଆରମ୍ଭ ହୋଇଥିଲା। ୨୦୧୧ ମଧ୍ୟରେ ୪ଟି ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିଲା। ୪ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଅଭିଯୁକ୍ତ- ସୈଫୁର ରହମାନ୍ ଓ ମୋହମ୍ମଦ ସୈଫ୍ ଜୟପୁର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଜାମିନରେ ଅଛନ୍ତି।

# ମନରେଗା ସ୍ଥିତି ଏମିତି... ୪୫ ଲକ୍ଷ ବଦଳରେ ୧୨ ଲକ୍ଷ ଶ୍ରମଦିବସ



ଯାଜପୁର: ଖଣିଖାଦାନ, ଶିଳ୍ପ, କୃଷି ଓ ବାଣିଜ୍ୟ ପ୍ରଭୃତିରେ ଅନ୍ୟ ଜିଲ୍ଲାଠାରୁ ଯାଜପୁର ଢେର ଆଗରେ। ତଥାପି ଜିଲ୍ଲାର ଲକ୍ଷାଧିକ ଯୁବକଯୁବତୀ ଦାଦନ ଖଟିବାକୁ ବାହାର ଜିଲ୍ଲା ଓ ରାଜ୍ୟକୁ ଯାଉଥିବାର ନଜିର କୋଭିଡ୍ ସମୟରେ ଲୋକଲୋଚନକୁ ଆସିଲା। ଚଳିତ ବର୍ଷ ଏହି କର୍ମନିଯୁକ୍ତି ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଗୋଟିଏ ଦିନ ବାକି ଥିବାବେଳେ ଅନେକ ବିଭାଗରେ କାମ ଆରମ୍ଭ ହୋଇନାହିଁ। କେବଳ କାଗଜପତ୍ର ପ୍ରସ୍ତୁତିରେ ସମୟ ବିତିଛି। ଏପରିକି ନିଶ୍ଚିତ କର୍ମନିଯୁକ୍ତି ପାଇଁ ପ୍ରଣୀତ ମନରେଗା ସ୍ଥିତି ମଧ୍ୟ ଶୋଚନୀୟ। ଗତବର୍ଷଠାରୁ ପ୍ରାୟ ୪ ଭାଗ କମ୍ କର୍ମନିଯୁକ୍ତି ସୃଷ୍ଟି ହୋଇଛି।

ସରକାରୀ ତଥ୍ୟ ମୁତାବକ ମନରେଗାରେ ଆର୍ଥିକ ବର୍ଷ ୨୦୨୩-୨୪ରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍‌ରେ ମୋଟ ୪୫ ଲକ୍ଷ ୬୩ ହଜାର ୮୭୭ଟି କର୍ମଦିବସ ସୃଷ୍ଟି ହୋଇଥିଲା। ସେଥିରେ ମହିଳାମାନେ ୨୦ ଲକ୍ଷ ୩୬ ହଜାର ୭୧୯ ଦିନ କାମ କରିଥିଲେ। ଅଥଚ ଚଳିତ ବର୍ଷ ୨୦୨୪-୨୫ରେ ମାତ୍ର ୧୨ ଲକ୍ଷ ୮୩ ହଜାର ୪୬୪ ଦିନ କାମ ହୋଇଥିବାବେଳେ ମହିଳାମାନେ କେବଳ ୫ ଲକ୍ଷ ୪୨ ହଜାର ୯୯୯ ଦିନ କାମ କରିଛନ୍ତି। ସେହିପରି ଗତବର୍ଷ ମନରେଗାରେ ୧୨୬ କୋଟି ୪୦ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ହୋଇଥିଲା। ଚଳିତ ବର୍ଷ ମାତ୍ର ୫୪ କୋଟି ୯ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ହୋଇଛି। ମନରେଗା ଭଳି କେନ୍ଦ୍ରୀୟ ଅନୁଦାନ ବ୍ୟୟରେ ଏଭଳି ସ୍ଥିତି ଥିବା ବେଳେ ଅନ୍ୟ ବିଭାଗ ଓ ରାଜ୍ୟ ଅନୁଦାନ ସ୍ଥିତି ଅଧିକ ସଙ୍ଗିନ। କୃଷିକୁ ରାଜ୍ୟ ସରକାର ବଜେଟ୍‌ରେ ସର୍ବାଧିକ ଗୁରୁତ୍ୱ ଦେଇଥିବାବେଳେ କାମ ଆଗେଇ ପାରୁନାହିଁ। ଜିଲ୍ଲାର ୪୦ ଭାଗ ଜଳସେଚନ ଉଠାଜଳସେଚନ ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଛି। ଚଳିତ ବର୍ଷ ଗୋଟିଏ ନୂତନ ପ୍ରକଳ୍ପ ମଧ୍ୟ ହୋଇ ପାରିଲାନାହିଁ। ଏହିପରି ସମସ୍ତ ବିଭାଗରେ ବଜେଟ୍ ପରିମାଣ ବୃଦ୍ଧି ପାଇଥିଲେ ହେଁ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନଥିବାରୁ ଯୋଜନା କାଗଜପତ୍ରରେ ସୀମିତ ରହିଯାଇଛି। ବର୍ଷୀୟାନ ରାଜନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ କହିବା ଅନୁସାରେ, ବଜେଟ୍?ର କଳେବର ବୃଦ୍ଧି କରିଦେଲେ ବିକାଶ ହୋଇ ଯିବନାହିଁ। ତୃଣମୂଳରେ ଯୋଜନା କାର୍ଯ୍ୟକାରୀ କରି ଅନୁଦାନକୁ ବ୍ୟୟ କରିପାରିଲେ ବିକାଶର ସଫଳ ରୂପାୟନ ହୋଇପାରିବ।

# ସୌର ଶକ୍ତିଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ: ଲୋକେ ହନ୍ତସନ୍ତ



ରାଇରଙ୍ଗପୁର: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ସୁଦର୍ଶନପୁର ଗ୍ରା.ପର ଜାମବଣୀ-ନାଉପଡ଼ା ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ତିନି ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବସବାସ କରୁଛନ୍ତି। ପୂର୍ବରୁ ଗ୍ରାମବାସୀମାନେ ନଳକୂପ ଓ ନଈରେ ଚୁଆ କରି ସେଥିରୁ ପାଣି ନେଇ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ତେବେ ଦୁଇ ବର୍ଷ ପୂର୍ବରୁ ଉକ୍ତ ଗ୍ରାମରେ ୪ଟି ସୌର ଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିଲା। ତେବେ ଉକ୍ତ ୪ଟି ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ଦୀର୍ଘ ୬ ମାସରୁ ଅଧିକ ହେଲା ଅଚଳ ହୋଇ ପୋଡିଥିବାରୁ ଗ୍ରାମବାସୀମାନେ ନାହିଁନଥିବା ଜଳକଷ୍ଟ ପାଉଛନ୍ତି। ଦୁଃଖର ବିଷୟ ଯେ ସୁଦର୍ଶନପୁର ପଂଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି ଥିଲେ ମଧ୍ୟ ପ୍ରଶାସନର ନଜରରେ ପଡୁନି। ଏନେଇ ପଂଚାୟତର ସରପଂଚଙ୍କଠାରୁ ଆରମ୍ଭ କରି ବ୍ଲକର ବିଡିଓ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେବେ ଦ୍ୱିପତଳ ଅନ୍ଧାର ପରି ପଂଚାୟତ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରତାରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କେମିତି ମରାମତି ହୋଇପାରୁନି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ଉକ୍ତ ପ୍ରକଳ୍ପ ଅଚଳ ଥିବାରୁ ଗ୍ରାମର ଜଣେ ଗ୍ରାମବାସୀଙ୍କ କୁଅରୁ ପାଣି ଆଣିବା ପାଇଁ ଯିବାକୁ ପଡୁଛି,ସେଥିରେ ମଧ୍ୟ କମ ପରିମାଣର ପାଣି ବାହାରୁ ଥିବାରୁ ମହିଳାମାନଙ୍କୁ ବହୁ ସମୟ ଧରି ଧାଡିରେ ଛିଡ଼ା ହେବାକୁ ପଡୁଛି। ଯଦି ପାନୀୟ ଜଳ ସମସ୍ୟା ଦୂର ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୌରଚାଳିତ ପାନୀୟ ଜଳ ପ୍ରକଳ୍ପରେ ସଂଯୋଗ ହୋଇଥିବା ନଳକୂପରୁ ବିଭାଗୀୟ କର୍ମଚାରୀମାନେ ପାଇପ୍ ଗୁଡିକ ବାହାର କରିନେଇଥିବାରୁ ସେଥିରୁ ମଧ୍ୟ ପାଣି ବାହାରୁ ନାହିଁ। ଏ ସମ୍ବନ୍ଧରେ ରାଇରଙ୍ଗପୁର ବ୍ଲକ୍ ଆରଡବ୍ଲୁଏସ୍ଏସ୍ ?ର କନିଷ୍ଠଯନ୍ତ୍ରୀ ଦେବବ୍ରତ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ସଲାର୍ ସଂସ୍ଥା ଓରେଡାକୁ ଅନଲାଇନ୍ ଯୋଗେ ଅଭିଯୋଗ କରାଯାଇଛି ଖୁବଶୀଘ୍ର ମରାମତି ହୋଇଯିବ ବୋଲି ନିଜ ମତ ରଖିଛନ୍ତି। ଗ୍ରାମକୁ ପାନୀୟ ଜଳ ପାଇଁ ଗ୍ରାମକୁ ପାଇପ୍ ଯୋଗେ ଯାଇଛି। କିନ୍ତୁ ଦିନକୁ ଦୁଇଥର ପାଣି ଛଡ଼ା ଯାଉଥିଲେ ମଧ୍ୟ ସେଥିରେ ଅଳ୍ପ ଅଳ୍ପ ପାଣି ବାହାରୁଥିବାରୁ ଗୋଟିଏ ବାଲଟି ପାଣି ଭର୍ତ୍ତି ହେବାକୁ ୧୫ ରୁ ୩୦ ମିନିଟ ସମୟ ଲାଗିଥାଏ।

# ୫ବର୍ଷରେ ରାଜ୍ୟରେ ୯୫ ହଜାରରୁ ଅଧିକ ଶିଶୁ କୁପୋଷଣରେ ଆକ୍ରାନ୍ତ



ଭୁବନେଶ୍ୱର: ରାଜ୍ୟ ବିଧାନସଭାରେ ମହିଳା ଓ ଶିଶୁ ବିକାଶ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୯୫,୪୪୩ ଜଣ ଶିଶୁ ଗୁରୁତର କୁପୋଷଣ (ଏନଏଏମ)ରେ ପୀଡିତ ହୋଇଛନ୍ତି।

ଜୟପୁରର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ରେ ଓଡ଼ିଶାରେ ମୋଟ ୨୬,୮୨୭ ଜଣ ଶିଶୁ ଏସଏଏମରେ ପୀଡିତ ଥିଲେ। ୨୦୨୦-୨୧ରେ ଏହି ସଂଖ୍ୟା ୨୨,୬୪୧ ଥିଲା; ୨୦୨୧-୨୨ରେ ୧୬,୮୧୩ ଜଣ ଶିଶୁ; ୨୦୨୨-୨୩ରେ ୧୫,୪୨୬ ଜଣ ଶିଶୁ; ଏବଂ ୨୦୨୩-୨୪ରେ ୧୩,୭୩୬ ଜଣ ଶିଶୁ ଏସଏଏମରେ ପୀଡିତ ଥିଲେ।

ଉପମୁଖ୍ୟମନ୍ତ୍ରୀ ଶିଶୁ ପୁଷ୍ଟିହୀନତା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ୬ ମାସରୁ ୩ ବର୍ଷ ବୟସର ପିଲାମାନଙ୍କୁ ଛତୁଆ, ଅଣ୍ଡା, ଲଡୁ ଏବଂ ଶୁଖିଲା ରାସନ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ। ଯେଉଁ ପିଲାମାନେ ଅଣ୍ଡା ଖାଆନ୍ତି ନାହିଁ, ସେମାନଙ୍କ ପାଇଁ ଅତିରିକ୍ତ ଲଡୁ ଯୋଗାଇ ଦିଆଯାଏ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ୩ ରୁ ୬ ବର୍ଷ ବୟସର ପିଲାମାନଙ୍କୁ ଗରମ ରନ୍ଧା ଖାଦ୍ୟ ଦିଆଯାଇଥାଏ। ଏହା ସହିତ, ସରକାର ଗୁରୁତର ଭାବରେ କୁପୋଷଣ (ଏସଏଏମ) ପିଲାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣା ପୁଷ୍ଟି ଯୋଜନା (ଏମଏସପିୱାଇ) କାର୍ଯ୍ୟକାରୀ କରିଛନ୍ତି। ୬ ମାସରୁ ୫ ବର୍ଷ ବୟସର ପିଲାମାନଙ୍କୁ ୧୧୨ ନିରନ୍ତର ଦିନ ପାଇଁ ପ୍ରତିଦିନ ୧୦୦ଗ୍ରାମ ଛତୁଆ ଏବଂ ଗୋଟିଏ ଅଣ୍ଡା ଦିଆଯାଏ। ଏହା ସହିତ, ଅତ୍ୟଧିକ କମ୍ ଓଜନ (ଏସୟୁଡବ୍ଲୁ) ଏବଂ ମଧ୍ୟମ ତୀବ୍ର କୁପୋଷଣ (ଏମଏଏମ) ପିଲାମାନଙ୍କୁ ନିରନ୍ତର ୭୫ଦିନ ପାଇଁ ପ୍ରତିଦିନ ବେସନ ମିଶ୍ରଣ, କଦଳୀ ଏବଂ ଅଣ୍ଡା ଯୋଗାଇ ଦିଆଯାଏ। 'ପାଦ ପୁଷ୍ଟି କାର୍ଯ୍ୟକ୍ରମ' (ପିପିକେ), ଯାହାକୁ 'ପାଦ ପୁଷ୍ଟି ଯୋଜନା' ଭାବରେ ମଧ୍ୟ ଜଣାଶୁଣା, ଏହା ଆଉ ଏକ ପ୍ରମୁଖ ପଦକ୍ଷେପ ଯାହା ଅଧୀନରେ ଦୂରଦୂରାନ୍ତ ଗାଁରେ ରହୁଥିବା ୩-୬ ବର୍ଷ ବୟସର ପିଲାମାନଙ୍କୁ ଯେଉଁମାନେ ଅଙ୍ଗନୱାଡି କେନ୍ଦ୍ରରେ ଯୋଗଦାନ କରିପାରୁନାହାନ୍ତି ସେମାନଙ୍କ ସ୍ଥାନୀୟ ଗାଁରେ ଜଳଖିଆ ଏବଂ ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଏ। ଏହି ପଦକ୍ଷେପଗୁଡ଼ିକ ରାଜ୍ୟରେ ଶିଶୁ କୁପୋଷଣ ବିରୋଧରେ ଲଢ଼ିବା ଏବଂ ପିଲାମାନଙ୍କର ସାମଗ୍ରିକ ପୁଷ୍ଟିକର ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏକ ଅଂଶ।

# ଅନୁଗୁଳ: ୯ ମାସରେ ୩୩ ହତ୍ୟା, ୫୩ ଦୁଷ୍କର୍ମ

ଅନୁଗୁଳ: ଟିକିଏ କଥାରେ ଗର୍ଜୁଛି ବନ୍ଧୁକ। ସାମାନ୍ୟ ଗଣ୍ଡଗୋଳରେ ଭୁଜାଲି ବୁଲୁଛି। ସ୍ଥିତି ଏମିତି ଯେ ଅପରାଧୀଙ୍କ ଆଉ ଭୟ ବୋଲି କିଛି ନାହିଁ। ଖୋଲାଖୋଲି ଆଇନ୍‌କୁ ହାତକୁ ନେବା ପାଇଁ ବଳ ପାଇଗଲେଣି। ଗତ ୯ ମାସର ଆପରାଧିକ ଗ୍ରାଫ୍ ଏହା ବୟାନ କରୁଛି। ଏହି ସମୟରେ ଅନୁଗୁଳ ଜିଲ୍ଲାରେ ୩୩ଟି ହତ୍ୟାକାଣ୍ଡ ଘଟିଛି। ଅର୍ଥାତ୍ ପ୍ରତି ମାସରେ ହାରାହାରି ୪ ଜଣ ହତ୍ୟାର ଶିକାର ହେଉଥିଲା ବେଳେ ୫୩ଟି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଗଣେଶ ପୂଜା ଭସାଣି ବେଳେ ସହର ଉପକଣ୍ଠ ଛେଳିଆପଡ଼ା ଓଭରବ୍ରିଜ୍ ନିକଟରେ ଜଣେ ଯୁବକଙ୍କୁ କିଛି ଅପରାଧୀ ଗୋଡ଼େଇ ଗୋଡ଼େଇ ହାଣିବା ସହ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ପରେ ଅନୁଗୁଳ ସହରର ଛାତି ଉପରେ ଜଣେ ଯୁବକଙ୍କୁ କିଛି ଅସାମାଜିକ ଲୋକ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ହଣ୍ଡପା ଥାନା ଅଞ୍ଚଳରେ ଜଣେ ଲୋକଙ୍କର ମୃତ୍ୟୁ ହେବା ଦିନ ତାଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏପଟେ ବନ୍ତଳାରେ ଜଣେ ବ୍ୟକ୍ତିଙ୍କୁ ଜନଗହଳି ରାସ୍ତାରେ ଗୁଳିମାଡ଼ ହେଲା। ଏହି ସବୁ ଘଟଣା ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲା ବେଳେ ଅପରାଧୀ ଲଗାମଛଡ଼ା ହୋଇଯାଇଥିବା ପ୍ରମାଣ ଦେଉଛି। ସରକାରୀ ତଥ୍ୟ ଅନୁସାରେ, ଗତ ଜୁନ୍ ପହିଲାରୁ ଫେବ୍ରୁଆରି ୨୮ ଭିତରେ ଅନୁଗୁଳ ଜିଲ୍ଲାରେ ୩୩ଟି ହତ୍ୟାକାଣ୍ଡ ଘଟିଛି। ଏପଟେ ଏହି ୯ ମାସ ଭିତରେ ଅନୁଗୁଳ ଜିଲ୍ଲାରେ ୫୩ ଟି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଅନୁଗୁଳ ଜିଲ୍ଲାର ବିଭିନ୍ନ ଥାନାରେ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବେଳେ ୨ଟି ଗଣ ଦୁଷ୍କର୍ମ ମାମଲା ଜିଲ୍ଲାକୁ ବଦନାମ କରିଛି। ଉଦ୍‌ବେଗର ବିଷୟ, ଏହି ୯ ମାସରେ ୧୮ ଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ହିସାବ ଅନୁସାରେ, ଅନୁଗୁଳ ଜିଲ୍ଲ?ାରେ ପ୍ରତି ମାସରେ ହାରାହାରି ୬ ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ଏହାସହ ନାରୀ ନିର୍ଯାତନା ବି ବୃଦ୍ଧି ପାଇଛି। ଗତ ୯ ମାସରେ ୯ ଜଣ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ୩ ଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ୧୧୩ ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଛି। ଅନ୍ୟ କାରଣ ପାଇଁ ୨୪୬ ମହିଳା ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ଏହା ସଭ୍ୟ ସମାଜକୁ ଚିନ୍ତାରେ ପକାଇ ଦେଇଥିଲା ବେଳେ ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି।

# କଟିଗଲା ସିଗ୍‌ନାଲ୍ କେବୁଲ ରାଉଲକେଲା-ଝାରସୁଗଡ଼ା ମଧ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ବନ୍ଧମୁଣ୍ଡା: ଚକ୍ରଧରପୁର ରେଳ ଡିଭିଜନର ଝାରସୁଗୁଡ଼ା ରେଳ ଜଙ୍କସନରେ ସିଗ୍ନାଲ୍ କେବୁଲ କଟିଯିବା ଯୋଗୁ ପ୍ରାୟ ୭ ଘଣ୍ଟା ଧରି ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳମାର୍ଗରେ ଟ୍ରେନ୍? ଚଳାଚଳରେ ବହୁତ ସମସ୍ୟା ଦେଖାଦେଇଛି। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଝାରସୁଗୁଡା ମୁଖ୍ୟ ରେଳବାଇ ୟାର୍ଡର କିଲୋମିଟର୍ ସଂଖ୍ୟା ୫୧୩/୨୩ ଓ ୨୫ଠାରେ ଥିବା ୬୧ ଏବଂ ୬୨ ପଏଣ୍ଟରେ କିଛି ଅସାମାଜିକ ଲୋକ ଏକକାଳୀନ ୬ଟି ସିଗ୍?ନାଲ୍? କେବୁଲ କାଟି ଦେଇଥିଲେ। ଏହା ଯୋଗୁ ରେଳୟାର୍ଡର ୧ ନମ୍ବରରୁ ୭ ନମ୍ବର ଲାଇନ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା।

ଏହା ଦ୍ୱାରା ଟ୍ରେନ ନମ୍ବର ୧୭୩୨୨ ଭାସ୍କୋଡାଗାମା ସାପ୍ତାହିକ ଏକ୍ସପ୍ରେସ୍, ୧୮୦୩୦ ମୁମ୍ବାଇ ଏଲଟିଟି ଏକ୍ସପ୍ରେସ୍, ୧୮୧୧୩ ବିଳାସପୁର ଏକ୍ସପ୍ରେସ୍,




୧୨୧୦୨ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍, ୦୩୨୫୩ ଚାରଲାପାଲି ସ୍ପେସାଲ୍ ଫେୟାର ଏକ୍ସପ୍ରେସ୍, ୦୨୮୩୨ ଧାନବାଦ ସ୍ପେଶାଲ୍ ଫେୟାର ଟ୍ରେନ୍ ପ୍ରଭାବିତ ହୋଇଛି। ସୂଚନା ପାଇବା ପରେ ରେଳବାଇ ସିଗ୍?ନାଲ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଦିନ ପ୍ରାୟ ୧୦.୨୦ରେ ମରାମତି କାର୍ଯ୍ୟ ଶେଷ ହୋଇଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ଯୋଗୁ ଝାରସୁଗୁଡ଼ା ଆରପିଏଫ୍‌ର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। ଝାରସୁଗୁଡ଼ା ରେଳ ଜଙ୍କସନରୁ ମାତ୍ର ଅଳ୍ପଦୂରରେ ଏପରି ଘଟଣା ଘଟିଥିଲେ ବି ଆରପିଏଫ୍ ଏ ସମ୍ପର୍କରେ ଜାଣିପାରି ନଥିଲା।

# ସୁନା ୧୭୪୦, ରୁପା ୪୦୦୦ କମିଲା



ଭୁବନେଶ୍ୱର: ଶୁକ୍ରବାର ସୁନା ଓ ରୁପାର ବର୍ଦ୍ଧିତ ଦରରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଗୋଟିଏ ଦିନରେ ୨୨ କ୍ୟାରେଟ୍ ସୁନା ଦାମ୍ ୧୬୦୦ ଟଙ୍କା କମିଥିବା ବେଳେ ୨୪ କ୍ୟାରେଟ୍ ସୁନା ୧୭୪୦ ଟଙ୍କା ଶସ୍ତା ହୋଇଛି। ଫଳରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ୍ ୮୪ ହଜାର ଟଙ୍କାକୁ ଖସିଆସିଛି। ଗତକାଲି ସେହି ଦାମ୍ ୮୫,୬୦୦ ଟଙ୍କା ଥିଲା। ସେହିପରି, ୨୪ କ୍ୟାରେଟ୍ ସୁନା ମୂଲ୍ୟ ୯୧,୬୪୦ ଟଙ୍କାକୁ ହ୍ରାସ ହୋଇଛି। ଦିନକ ପୂର୍ବରୁ ଏହାର ଦର ୯୩,୩୮୦ ଟଙ୍କା ଥିଲା।

ସୁନା ଦରରେ ସୁଧାର କିଣିବା ପାଇଁ ସୁଯୋଗ ସୃଷ୍ଟି କରିଥିବା ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି। ଆମେରିକାରେ ସୁଧ ହାର ହ୍ରାସ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ପାଇଁ ବିଶ୍ୱ ବଜାରରେ ସୁନା ଦର ପ୍ରଭାବିତ ହେଉଛି। ଯାହା ଫଳରେ ସୁନା ଦର ୧,୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଥିବା ସେ କହିଛନ୍ତି। ଆଗାମୀ ଦିନରେ ରୁପା ଦର ମଧ୍ୟ ଯଥେଷ୍ଟ ବର୍ଦ୍ଧିବାର ସମ୍ଭାବନା ଦେଖାଦେଇଛି ବୋଲି ଶ୍ରୀ ହଂସ କହିଛନ୍ତି। ସୁନା ଦର ଲକ୍ଷେ ଟଙ୍କା ଟପିବ ବୋଲି ଗତବର୍ଷ ସେ ପ୍ରଥମେ ପୂର୍ବାନୁମାନ କରିଥିଲେ। ଶୁକ୍ରବାର ଭୁବନେଶ୍ୱରରେ ରୁପାର କିଲୋପିଛା ଦାମ୍ ୪୦୦୦ ଟଙ୍କା ହ୍ରାସ ପାଇ ୧,୦୮,୦୦୦ ଟଙ୍କା ସ୍ତରକୁ ଖସିଆସିଛି। କିଛି ଦିନ ତଳେ ଏହି ଦର ୧,୧୩,୦୦୦ ଟଙ୍କା ଉପରେ ଥିଲା।


୨୦୦୦ ମସିହା ପରଠାରୁ ସୁନା ଦର ନିୟମିତ ବ୍ୟବଧାନରେ ହ୍ରାସ ବୃଦ୍ଧି ହୋଇ ଆଗକୁ ବଢ଼ିଛି। ସେହି ସମୟରେ ୧୦ ଗ୍ରାମ ସୁନାର ଦାମ୍ ଥିଲା ୪,୪୦୦ ଟଙ୍କା। ୨୦୨୫ରେ ତାହା ୯୩ ହଜାର ଟଙ୍କାରୁ ଅଧିକ ହୋଇଛି। ସୁନାରେ ନିବେଶ ବଢୁଥିବାରୁ ତାହାର ଚାହିଦା ବଢ଼ିଚାଲିଛି। ସୁନାକୁ ଲୋକମାନେ କେବଳ ଅଳଙ୍କାର ଭାବେ ନ ଦେଖି, ଉତ୍ତମ ନିବେଶର ମାଧ୍ୟମ ଭାବେ ବିଚାର କରୁଛନ୍ତି। ୨୦୦୮ରେ ବିଶ୍ୱ ଅର୍ଥନୈତିକ ସଙ୍କଟ ପାଇଁ ସୁନା ଦର ୧୩,୫୦୦ ଟଙ୍କା ଥିଲା। ୨୦୧୧ରୁ ୨୦୨୦ ଭିତରେ ଏହାର ଦାମ୍ ଦ୍ରୁତ ଗତିରେ ବଢ଼ିଥିଲା। ୨୦୨୦ ସୁଦ୍ଧା ଦର ୫୫ ହଜାର ଟଙ୍କା ହୋଇଥିଲା।

ସୁନା ଦରରେ ହେଉଥିବା ବୃଦ୍ଧିକୁ ନେଇ ଚିନ୍ତିତ ଥିବା ଗ୍ରାହକମାନଙ୍କ ଲାଗି ଲାଲ୍‌ଚନ୍ଦ ଜୁଏଲର୍ସରେ ପ୍ରି-ବୁକିଂ ସୁବିଧା ରହିଛି। ଏହା ଦ୍ୱାରା ଗ୍ରାହକମାନେ କିଛି ଅଗ୍ରୀମ ରାଶି ଦେଇ ସୁନା ଦର ଲକ୍ କରିପାରିବେ। ଆଗାମୀ ଯେକୌଣସି ଦିନରେ ସୁନା କିଣିବା ବେଳେ ଯଦି ଦର ବଢ଼ିଥିବ, ତେବେ ଗ୍ରାହକ ଜଣକ ବୁକିଂ କରିଥିବା ଦାମରେ କିଣାକିଣି କରିପାରିବେ। ଯଦି ସେହିଦିନ ସୁନା ଦର କମିଥିବ ତେବେ ତାଙ୍କୁ ଦର ହ୍ରାସର ଲାଭ ମିଳିବ। ସେ ସେହିଦିନର କମ୍ ଦାମ୍‌ରେ ସୁନା କିଣିପାରିବେ ବୋଲି ଲାଲଚନ୍ଦ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଲାଲ୍‌ଚନ୍ଦର ପ୍ରତ୍ୟେକ ଷ୍ଟୋର୍‌ରେ ଏମ୍‌ଏମ୍‌ଟିସି ସୁନା କଏନ୍ ମିଳୁଛି।

# ସେନ୍‌ସେକ୍ସ ୯୩୦ ପଏଣ୍ଟ ଖସିଲା

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ପାଲଟା ଟିକସ ଲଗାଇବା ପରେ ସମଗ୍ର ବିଶ୍ୱର ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଛି। ସବୁଠୁ ଅଧିକ ଅସ୍ଥିର ହୋଇଛି ଆମେରିକାର ଷ୍ଟକ୍ ବଜାର। ଆମେରିକାର ଡାଓ ଜୋନ୍‌ସ ୧୦୦୦ ପଏଣ୍ଟ ହ୍ରାସ ସହ ଏହାର କାରବାର ଆରମ୍ଭ କରିଛି। ସେହିପରି ଏସ୍‌ଆଣ୍ଡ୍‌ପି ୫୦୦ ଓ ନାସ୍‌ଦାକ୍ ମଧ୍ୟ ୩ ପ୍ରତିଶତ ହ୍ରାସ ପାଇଛି। ଆମେରିକା ଉପରେ ଚୀନ୍ ପାଲଟା ଟିକସ ଲଗାଇବା ପରେ ଆଗକୁ ବାଣିଜ୍ୟ ଲଢ଼େଇ ତୀବ୍ର ହେବ ବୋଲି ନିବେଶକମାନେ ଆଶଙ୍କା କରୁଛନ୍ତି। ଭାରତରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୩୦ ପଏଣ୍ଟ ହ୍ରାସ ପାଇ ୭୫,୩୬୪ ପଏଣ୍ଟରେ ବନ୍ଦ ହୋଇଛି। ସେହି ସମୟରେ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୪୫ ପଏଣ୍ଟ ହ୍ରାସ ପାଇ ୨୨,୯୦୪ ପଏଣ୍ଟରେ ବନ୍ଦ ହୋଇଛି।

# ବିଏସଏନଏଲ ଆର୍ଥାତ ଭାଇ ସାହେବ ନିଶ୍ଚିତ ଲାଗେଗା: ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଗତଗୁରୁବାର ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ ସରକାରୀ ଟେଲିକମ୍ କମ୍ପାନି (ବିଏସଏନଏଲ) ସହ ଜଡିତ ଏକ ପ୍ରଶ୍ନର ଆଲୋଚନା ଚାଲିଥିବା ବେଳେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦେଇଥିବା ବୟାନକୁ ନେଇ ଚର୍ଚ୍ଚାର ଜୋର ଧରିଛି।

ସରକାରୀ ଟେଲିକମ୍ କମ୍ପାନି ସହ ଜଡିତ ଏକ ପ୍ରଶ୍ନର ଆଲୋଚନା ହେଉଥିଲା ବେଳେ ଧନଖଡ଼ ମଜାରେ ବିଏସଏନଏଲର ନାମ ବଦଳାଇ କହିଲେ, ବିଏସଏନଏଲ ଅର୍ଥ ହେଉଛି - 'ଭାଇ ସାହେବ ନିଶ୍ଚିତ ଲାଗେଗା(ଭାଇ ସାହେବ ଏହା ନିଶ୍ଚିତ ଭାବେ ଲଗିବ)।' ପୂର୍ବରୁ ଗୃହରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସାଂସଦ ପ୍ରଫୁଲ ପଟେଲ କହିଥିଲେ,' ଯେ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଘରୋଇ ଟେଲିକମ୍ କମ୍ପାନିଗୁଡ଼ିକର ନେଟୱାର୍କ ପ୍ରାୟତଃ କାମ କରେ ନାହିଁ, କିନ୍ତୁ ବିଏସଏନଏଲ ସେଠାରେ ପହଞ୍ଚି ସେବା ପ୍ରଦାନ କରୁଛି।

ପଟେଲଙ୍କ ଏ ମନ୍ତବ୍ୟକୁ ସମର୍ଥନ କରି ଧନଖଡ଼ କହିଥିଲେ, 'ଲୋକଙ୍କର ଏବେ ବି ବିଏସଏନଏଲ ସଂଯୋଗ ଉପରେ ଭରସା ଅଛି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ବିଏସଏନଏଲ ଅର୍ଥାତ ଭାଇ ସାହେବ ନିଶ୍ଚିତ ଲାଗେଗ।'

# ଦିନକରେ ୫ ବିୱାଇଡି 'ସିଲାୟନ୍ ୭' ହସ୍ତାନ୍ତର: ଥରେ ଚାର୍ଜ କଲେ ୫୦୦ କିମି ଯିବ



ଭୁବନେଶ୍ୱର: ପାହାଲ ସ୍ଥିତ ସେଣ୍ଟ୍ରାଲ୍ ବିୱାଇଡିରେ ଗୋଟିଏ ଦିନରେ ୫ଟି 'ସିଲାୟନ୍ ୭' ଏସ୍‌ୟୁଭି ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିରେ ରହିଛି ଉନ୍ନତ ବ୍ଲେଡ୍ ପ୍ରଯୁକ୍ତି, ଯାହା ଦ୍ୱାରା ଗାଡ଼ିକୁ ଥରେ ଚାର୍ଜ କଲେ ତାହା ୫୦୦ କିମିରୁ ଅଧିକ ଯାତ୍ରା କରିପାରୁଛି। ଗାଡ଼ିରେ ପରିବେଶ ଅନୁକୂଳ ଉପକରଣ ବ୍ୟବହାର କରାଯାଇଛି। ଏହାର ଡିଲିଙ୍କ ୪.୦ ଇନ୍‌ଫୋଟେନ୍‌ମେଣ୍ଟ୍ ବ୍ୟବସ୍ଥା ଅନେକ ସୁବିଧା ପ୍ରଦାନ କରୁଛି।

ସୁରକ୍ଷା ଦୃଷ୍ଟିରୁ ସିଲାୟନ୍ ୭ରେ ରହିଛି ସ୍ୱୟଂକ୍ରିୟ ଗାଡ଼ିଚାଳନା ସହାୟତା, ୩୬୦ ଡିଗ୍ରି କ୍ୟାମେରା, ଏକାଧିକ ଏୟାରବ୍ୟାଗ୍ ଯାହା ଉଭୟ ଗାଡ଼ିରେ ବସିଥିବା ଲୋକ ଓ ପଥଚାରୀଙ୍କ ସୁରକ୍ଷା ନିଶ୍ଚିତ କରୁଛି। ବିୱାଇଡିର ସିଲାୟନ୍ ୭ ଏସ୍‌ୟୁଭିର ପ୍ରାରମ୍ଭିକ ମୂଲ୍ୟ ୪୮.୯୦ ଲକ୍ଷ ଟଙ୍କା ରହିଛି। ଏହା ୬୯୦ ଏନ୍‌ଏମ୍ ଟର୍କ ଓ ୫୨୩ ବିଏଚ୍‌ପି ଶକ୍ତି ଉତ୍ପନ୍ନ କରୁଛି। ଏହା ସ୍କାଇ ହ୍ୱାଇଟ୍, କସ୍‌ମସ୍ ବ୍ଲାକ୍, ଆଟଲାଣ୍ଟିସ୍ ଗ୍ରେ ଓ ସାର୍କ ଗ୍ରେ ରଙ୍ଗରେ ଉପଲବ୍ଧ ହୋଇଛି। ଏହି ଅବସରରେ ସେଣ୍ଟ୍ରାଲ୍ ବିୱାଇଡି ଏଜିଏମ୍-ସେଲ୍‌ସ ପ୍ରତୀକ ଝା ଓ ବିକ୍ରି ପ୍ରବନ୍ଧକ ମାନସ ମିଶ୍ର ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍‌ସ-୨୦୨୫

ଭୁବନେଶ୍ୱର: ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମିଳିତ ଆନୁକୂଲ୍ୟରେ ଶନିବାର ହୋଟେଲ ସ୍ୱସ୍ତି ପ୍ରିମିୟମରେ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡସ ୨୦୨୫ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସିଂଦେଓ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ବ୍ୟବସାୟୀ ତଥା ଉଦ୍ୟୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟବକ୍ତା ଭାବେ ବିଗିଜ୍ ବର୍ଗରର ପ୍ରତିଷ୍ଠାତା ବିରଜା ରାଉତ ଯୋଗ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗ ଦେଇଥିବା ସମସ୍ତ ବ୍ୟବସାୟୀ ତଥା ଶିଳ୍ପପତିଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ, ଆମେ ସମସ୍ତ ଓଡ଼ିଆ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆମେ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଆୟୋଜନ କରିଛୁ। ଏହାଦ୍ୱାରା ସେମାନେ ଆହୁରି ଆଗକୁ ଯାଇ ପ୍ରତିଷ୍ଠା ଲାଭ କରିପାରିବେ। ସେହିପରି ସମ୍ପାଦକ କହିଥିଲେ, ୫ମ ବର୍ଷ ପାଇଁ ଏହି ପୁରସ୍କାର ଦେବାକୁ ଯାଉଛୁ। ଯେଉଁମାନେ କରୋନା ମହାମାରୀ ପରଠାରୁ ନିଜ ଗୋଡ଼ରେ ଠିଆ ହେବା ପାଇଁ ନୂଆ ବ୍ୟବସାୟ ଆରମ୍ଭ କରିଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆମେ ଏହି ପୁରସ୍କାରର ଆୟୋଜନ କରିଛୁ।




# ଇ-ସ୍କୁଟର୍‌ରେ ଡ୍ୟାସ୍‌କ୍ୟାମ୍: 'ଅଲ୍‌ଟ୍ରାଭାୟୋଲେଟି'ର ନୂଆ ଇ-ସ୍କୁଟର, ମୋଟରସାଇକଲ୍

ଭୁବନେଶ୍ୱର: ଅଲ୍‌ଟ୍ରାଭାୟୋଲେଟି ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'ଟେରାସେକ୍ଟ' ଓ ମୋଟରସାଇକଲ୍ 'ସକ୍‌ୱେଭ୍'କୁ ଉନ୍ମୋଚନ କରାଯାଇଛି। କମ୍ପାନିର ସହ ପ୍ରତିଷ୍ଠାତା ଓ ସିଇଓ ନାରାୟଣ ସୁବ୍ରମଣ୍ୟମ ଓ ସିଟିଓ ନିରଜ ରାଜମୋହନ ନୂଆ ଗାଡ଼ିକୁ ଉନ୍ମୋଚନ କରିଛନ୍ତି। ଟେରାସେକ୍ଟ ହେଉଛି ବିଶ୍ୱର ପ୍ରଥମ ରାଡାର୍ ସମନ୍ୱିତ ଇଲେକ୍ଟ୍ରିକ ସ୍କୁଟର। ସେଥିରେ ଡ୍ୟାସ୍‌କ୍ୟାମ୍, ଓମ୍‌ନିସେନ୍ସ ମିରର୍, ବ୍ଲାଇଣ୍ଡ୍‌ସ୍ପଟ୍ ଚିହ୍ନଟ ସୁବିଧା, ଲେନ୍ ପରିବର୍ତ୍ତନ, ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ବେଳେ ସହାୟତା ଓ ଦୁର୍ଘଟଣା ଆଲର୍ଟ ଓ ଏକ ୭ ଇଞ୍ଚ ଟିଏଫ୍‌ଟି ଡିସ୍‌ପ୍ଲେ ଭଳି ସୁବିଧା ରହିଛି।




ଏହାର ଦାମ୍ ୧,୪୫,୦୦୦ ଟଙ୍କା ରହିଛି। ସେହିପରି, ସକ୍‌ୱେଭ୍ ମୋଟରସାଇକଲ୍‌ର ସର୍ବାଧିକ ବେଗ ୧୫୫ କେପିଏଚ୍ ରହିଛି। ସେଥିରେ ଡୁଆଲ୍ ଚ୍ୟାନେଲ୍‌ଏବିଏସ୍ ଓ ସ୍ଥିରତା ନିୟନ୍ତ୍ରଣ ଭଳି ସୁବିଧା ରହିଛି। ଏହାର ଦାମ୍ ୧,୭୫,୦୦୦ ଟଙ୍କା ରଖାଯାଇଛି। କମ୍ପାନି ପକ୍ଷରୁ ଏଫ୍‌୭୭ ଏମ୍‌ଏସିଏଚ୍-୨ ଓ ଏଫ୍‌୭୭ ସୁପର୍‌ଷ୍ଟ୍ରିଟ୍‌କୁ ମଧ୍ୟ ଉନ୍ମୋଚନ କରାଯାଇଛି। ତାହାର ଦାମ୍ ୨,୯୯,୦୦୦ ଟଙ୍କା ରହିଛି। ସମସ୍ତ ଗାଡ଼ିର ବୁକିଂ ଗ୍ରହଣ କରାଯାଉଛି। ୨୦୨୬ ଜାନୁଆରି ସୁଦ୍ଧା ଗାଡ଼ି ଡେଲିଭରି ଆରମ୍ଭ ହେବ।

# ସ୍ୱର୍ଣ୍ଣ ପଦକ ଜିତିଲେ ଅନନ୍ତ

ଭୁବନେଶ୍ୱର: ଓଡ଼ଶା ବଡି ବିଲଡିଂ ସଂଘ ପୁରୀ ପକ୍ଷରୁ ଆୟୋଜିତ ବୀର କଳିଙ୍ଗ ପୁତ୍ର ରାଜ୍ୟସ୍ତରୀୟ ଓପନ ବଡି ବିଲଡିଂ ଚମ୍ପିୟାନଶିପ ୨୦୨୫ରେ ଭୁବନେଶ୍ୱରର ଅନନ୍ତ କୁମାର ନାୟକ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତା'ସହିତ ପୁରୁଷ ଫିଜିକ୍ସରେ ମଧ୍ୟ ଟପ୍ ପାଞ୍ଚ ନମ୍ବରରେ ରହିଛନ୍ତି। ଭୁବନେଶ୍ୱର ଝାରପଡ଼ା ସ୍ଥିତ ବିଙ୍ଗଷ୍ଟ୍ରଙ୍ଗ ୨୪ଜିମରେ ଗୁରୁ ଶୁଭାଶିଷ ପାତ୍ରଙ୍କଠାରୁ ଅନନ୍ତ ଶିକ୍ଷା ଲାଭ କରୁଛନ୍ତି। ୬୫ କିଲୋଗ୍ରାମ ଓଜନର ଭାରଉତ୍ତୋଳନ କରି ଅନନ୍ତ ଏହି ସଫଳତା ହାସଲ କରିଛନ୍ତି କ୍ଷ ଆୟୋଜକ ମହାସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ସହସମ୍ପାଦକ ପ୍ରଫୁଲ୍ଲ କୁମାର ଚନ୍ଦ୍ର, ସଭାନେତ୍ରୀ ଶ୍ରୀମତୀ ସୁମିତ୍ରା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ବିଭିନ୍ନ ସୋପାନ ସଫଳତାର ସହ ଅତିକ୍ରମ କରି ଅନନ୍ତ ଓପନ ବଡି ବିଲଡିଂରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ଗୁରୁ ଏବଂ ଅନୁଷ୍ଠାନର ବୋଲି ମତ ରଖିଛନ୍ତି। ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



CMYK

# ଶୁଭ କଳସ ରଖିବାର ନିୟମ

କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ। ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ



ଶୁଭ କଳସ ରଖିଥାନ୍ତି। ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଯେମିତିକି:

୧. ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍‌ରେ କାହାର ଗୋଡ ବାଜିଯିବାର ସମ୍ଭାବନା ଥାଏ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡିପାରୁଥିବ।

୨. ଯଦି ଆପଣଙ୍କ ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ ଆପଣ ଏହି ଶୁଭ କଳସକୁ ମଧ୍ୟ ରଖିପାରିବେ।

୩. ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

୪. ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ।

୫. ଶୁଭ କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ। ପୂର୍ନଃବାର ତା'ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ।

# ମାଟିରେ ଗାଧୋଇବାର ଫାଇଦା

ଗ୍ରୀଷ୍ମ ଋତୁରେ ମାଟିରେ ସ୍ନାନ କରିବା ଏକ ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା। ଏହାକୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ମାଟିରେ ଥିବା ଖଣିଜ ପଦାର୍ଥ ଶରୀରକୁ ବିଷମୁକ୍ତ କରିବା ସହିତ ଚର୍ମକୁ ସଫା କରିବାରେ ସହାୟକ ହୋଇପାରେ। ଆଜିକାଲିର ସମୟରେ, ରାସାୟନିକ ଦ୍ରବ୍ୟ ବଦଳରେ ମାଟିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଏହା କେବଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ, ବରଂ ଆପଣଙ୍କ କେଶ ଏବଂ ଚର୍ମ ପାଇଁ ମଧ୍ୟ ଅନେକ ଲାଭ ପ୍ରଦାନ କରେ।

ମାଟିରେ ଅନେକ ପ୍ରାକୃତିକ ଉପାଦାନ ରହିଛି, ଯାହା ଆମ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିପାରେ। ପ୍ରକୃତରେ, ଯେତେବେଳେ ଆମେ କାଦୁଅରେ ଗାଧୋଇଥାଉ, ଏହା ଶରୀରରେ ଥିବା ଅପରିଷ୍କାର ପଦାର୍ଥକୁ ଶୋଷିତ କରି ଚର୍ମର ଛିଦ୍ରଗୁଡ଼ିକୁ ଖୋଲିଦିଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ଚର୍ମକୁ ସତେଜ କରିଥାଏ।

ମାଟି ଆପଣଙ୍କ ଚର୍ମ ପାଇଁ ଏକ ପ୍ରାକୃତିକ ସ୍କ୍ରବର ଭାବରେ କାମ କରେ, ଯାହା ମୃତ ଚର୍ମ କୋଷଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିପାରେ। ଏହା ଚର୍ମର ରଙ୍ଗକୁ ଉନ୍ନତ କରିଥାଏ। ଏହା ଚର୍ମକୁ ଅଧିକ ନରମ କରିଥାଏ। ଏହା ସହିତ, ମାଟି ଚର୍ମରୁ ଅତିରିକ୍ତ ତେଲ ଏବଂ ମଇଳା ସଫା କରିପାରିବ।

ମାଟିରେ ପ୍ରାକୃତିକ ପ୍ରଦାହ-ବିରୋଧୀ ଗୁଣ ଅଛି, ଯାହା ଶରୀରରେ ପ୍ରଦାହ ଏବଂ ଯନ୍ତ୍ରଣାକୁ କମ କରିପାରେ। କେବଳ ଏତିକି ନୁହେଁ, ଚର୍ମରେ କୁଣ୍ଡାଇ ହେବା ଏବଂ ଜଳାପୋଡ଼ା ହେବା ଭଳି ସମସ୍ୟାକୁ ମଧ୍ୟ ଏହା ସାହାଯ୍ୟରେ ଦୂର କରାଯାଇପାରିବ। ଗ୍ରୀଷ୍ମ ଋତୁରେ ଥଣ୍ଡା କାଦୁଅରେ ଗାଧୋଇବା ଦ୍ୱାରା ଶରୀର ଥଣ୍ଡା ହୋଇଥାଏ, ଯାହା ଶରୀରରେ ହେଉଥିବା ଜଳାପୋଡ଼ାକୁ ଶାନ୍ତ କରିଥାଏ। ମାଟିରେ ସ୍ନାନ କରିବା ଦ୍ୱାରା ଆପଣଙ୍କ ଶରୀରର ଥକାପଣ ଦୂର ହୋଇପାରିବ। ଏହା ଶରୀରକୁ ଗଭୀର ଭାବରେ ଆରାମ ଦିଏ। ଯଦି ଆପଣ ନିୟମିତ ଭାବରେ ମାଟି ସ୍ନାନ କରନ୍ତି, ତେବେ ଏହା ମାଂସପେଶୀକୁ ଆରାମ ଦେଇପାରିବ ଏବଂ ମନକୁ ଶାନ୍ତ କରିପାରିବ। ଏହା ଏକ ପ୍ରକାରର ପ୍ରାକୃତିକ ଚିକିତ୍ସା, ଯାହା ଚାପ ଏବଂ ଚିନ୍ତାକୁ ହ୍ରାସ କରିପାରିବ।

# ପରଲୋକରେ ଭାରତ କୁମାର



ମୁମ୍ବାଇ: ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା-ନିର୍ମାତା-ନିର୍ଦ୍ଦେଶକ ମନୋଜ କୁମାର ଆଉ ନାହାନ୍ତି। ଶୁକ୍ରବାର ସକାଳ ସାଢ଼େ ୪ଟା ସମୟରେ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ୮୭ ବର୍ଷ ବୟସରେ କିମ୍ବଦନ୍ତୀ ଅଭିନେତା ଏବଂ ନିର୍ଦ୍ଦେଶକ ମନୋଜ କୁମାରଙ୍କ ପରଲୋକ ଘଟିଛି। ବଲିଉଡର ଏହି ବରିଷ୍ଠ ବ୍ୟକ୍ତି ବିଶେଷ ଭାବରେ ତାଙ୍କର ଦେଶାତ୍ମବୋଧକ ଚଳଚ୍ଚିତ୍ର ଏବଂ 'ଭାରତ କୁମାର' ଉପନାମ ପାଇଁ ଚର୍ଚ୍ଚିତ ଥିଲେ।

ହରିକିଷନ୍ ଗୋସ୍ୱାମୀ ଓରଫ ମନୋଜ କୁମାର ୧୯୩୭ ଜୁଲାଇ ୨୪ ତାରିଖରେ ପଞ୍ଜାବର ଅମୃତସରରେ ଜନ୍ମଗ୍ରହଣ କରିଥିଲେ। ମନୋଜ କୁମାର ହିନ୍ଦୀ ସିନେମାରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଥିଲେ। ସହିଦ, ଉପକାର ଏବଂ ରଙ୍ଗ ଦେ ବସନ୍ତୀ ଭଳି ଚଳଚ୍ଚିତ୍ରରେ ତାଙ୍କର ପ୍ରତୀକାତ୍ମକ ଭୂମିକା ଭାରତୀୟ ଜନସାଧାରଣଙ୍କ ଦେଶପ୍ରେମ ଭାବନା ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା। ମନୋଜ କୁମାର ଶହୀଦ୍, ପୂରବ୍ ଔର୍ ପର୍ଶ୍ଚିମ, ମେରା ନାମ ଜୋକର୍, ହିମାଲୟକି ଗୋଦ୍ ମେ, ଗୁମନାମ୍, ଉପକାର, ରୋଟି କପଡ଼ା ଔର୍ ମକାନ୍, କ୍ରାନ୍ତି, ଶୋର୍, ପଥର କେ ସନମ୍, ବେଇମାନ୍, ଶୋର୍, କଲୟୁଗ ଔର୍ ରାମାୟଣ ଏବଂ ଜୟହିନ୍ଦ୍ ଆଦି ସିନେମା ଲାଗି ସ୍ମରଣୀୟ ହୋଇରହିବେ। ଭାରତୀୟ ସିନେମାରେ ଅବଦାନ ଲାଗି ମନୋଜ କୁମାରଙ୍କୁ , ଭାରତ ସରକାର ୧୯୯୨ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ଏଣେ ୨୦୧୫ରେ ମସିହାରେ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ସେ ଗୋଟିଏ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବିଭିନ୍ନ ବର୍ଗରେ ସାତଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ଲାଭ କରିଥିଲେ।

ହରିକ୍ରିଷନ୍ ଗିରି ଗୋସ୍ୱାମୀ ଓରଫ ମନୋଜ କୁମାର ୧୯୩୭ ଜୁଲାଇ ୨୪ ତାରିଖରେ ପଞ୍ଜାବୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମନୋଜ କୁମାର ହିନ୍ଦୀ ସିନେମାରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଥିଲେ। ସହିଦ, ଉପକାର ଏବଂ ରଙ୍ଗ ଦେ ବସନ୍ତୀ ଭଳି ଚଳଚ୍ଚିତ୍ରରେ ତାଙ୍କର ପ୍ରତୀକାତ୍ମକ ଭୂମିକା ଭାରତୀୟ ଜନସାଧାରଣଙ୍କ ଦେଶପ୍ରେମ ଭାବନା ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା। ମନୋଜ କୁମାର ଶହୀଦ୍, ପୂରବ୍ ଔର୍ ପର୍ଶ୍ଚିମ, ମେରା ନାମ ଜୋକର୍, ହିମାଲୟକି ଗୋଦ୍ ମେ, ଗୁମନାମ୍, ଉପକାର, ରୋଟି କପଡ଼ା ଔର୍ ମକାନ୍, କ୍ରାନ୍ତି, ଶୋର୍, ପଥର କେ ସନମ୍, ବେଇମାନ୍, ଶୋର୍, କଲୟୁଗ ଔର୍ ରାମାୟଣ ଏବଂ ଜୟହିନ୍ଦ୍ ଆଦି ସିନେମା ଲାଗି ସ୍ମରଣୀୟ ହୋଇରହିବେ।

ମନୋଜ କୁମାରଙ୍କ ଅଧିକଂଶ ସିନେମ ?। ଥିଲା ମ୍ୟୁଜିକାଲ୍ ହିଟ୍। ତାଙ୍କ ଅଭିନୀତ/ନିର୍ଦ୍ଦେଶିତ କେତୋଟି ଲୋକପ୍ରିୟ ଗୀତ ହେଲା ଏକ୍ ପ୍ୟାର୍ କା ନଗମା ହେ (ଶୋର୍), ଜିନ୍ଦେଗିକି ନା ଟୁଟେ ଲଡି (କ୍ରାନ୍ତି), ମେରେ ଦେଶ୍ କୀ ଧରତୀ (ଉପକାର୍), ମେଁ ନା ଭୁଲୁଙ୍ଗା (ରୋଟି କପଡ଼ା ଔର୍ ମକାନ୍), ହେ ପ୍ରୀତ୍ ଯାହାଁକି ରୀତ୍ ସଦା..(ପୂରବ୍ ଔର୍ ପର୍ଶ୍ଚିମ) ଓ ମେହେବୁବ୍ ମେରେ ମେହେବୁବ୍..(ପଥର କେ ସନମ୍)।

ଭାରତୀୟ ସିନେମାରେ ଅବଦାନ ଲାଗି ମନୋଜ କୁମାରଙ୍କୁ ଭାରତ ସରକାର ୧୯୯୨ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ଏଣେ ୨୦୧୫ରେ ମସିହାରେ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ସେ ଗୋଟିଏ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବିଭିନ୍ନ ବର୍ଗରେ ସାତଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ଲାଭ କରିଥିଲେ।

# ୧୯ବର୍ଷରେ ନିର୍ବନ୍ଧ କରିଥିଲେ ଆରଜେ ମହବଶ, ମିଳିଥିଲା ଧୋକା





ନୂଆଦିଲ୍ଲୀ: କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ଛାଡପତ୍ର ଏବେ ନିଶ୍ଚିତ ହୋଇସାରିଛି। ଆଇପିଏଲ ଆରମ୍ଭ ପୂର୍ବରୁ ଦମ୍ପତିଙ୍କ ଛାଡପତ୍ର ଉପରେ ଚୂଡ଼ାନ୍ତ ରାୟ ଶୁଣାଇଥିଲେ କୋର୍ଟ। ଭରଣପୋଷଣ ବାବଦକୁ ଟଙ୍କା ଦେବା ପରେ ଏବେ ଦମ୍ପତ୍ତି ଅଲଗା ହୋଇଥିଲେ। ଛାଡ଼ପତ୍ର ପୂର୍ବରୁ ଗତ ବର୍ଷ ଡିସେମ୍ବର ମାସରୁ ଯୁଜଭେନ୍ଦ୍ର ଚହଲଙ୍କ ନାମ ଆରଜେ ମହବଶଙ୍କ ସହ ଯୋଡାଯାଉଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ, ଚହଲଙ୍କୁ ତାଙ୍କ ତଥାକଥିତ ପ୍ରେମିକା ଆରଜେ ମହବଶଙ୍କ ସହ ଷ୍ଟାଡିୟମରେ ମ୍ୟାଚ୍ ଦେଖୁଥିବାର ଦେଖାଯାଇଥିଲା, ଯାହା ପରେ ସେମାନଙ୍କ ଡେଟିଂର ଗୁଜବ ଆରମ୍ଭ ହୋଇଥିଲା।

ଚହଲଙ୍କ ସହ ତାଙ୍କ ନାମ ଯୋଡା ଯିବା ପରେ ଏବେ ମହବଶଙ୍କ ବ୍ୟକ୍ତିଗତ ଜୀବନର ଏକ ବଡ଼ ସତ ସାମ୍ନାକୁ ଆସିଛି। ଏକ ସାକ୍ଷାତକାରରେ ଏହାର ଖୁଲାସା କରିଛନ୍ତି ମହବଶ। ସେ କହିଛନ୍ତି, ମୁଁ ସାଧାରଣ ସମ୍ପର୍କରେ ବିଶ୍ୱାସ କରେ ନାହିଁ। ମୁଁ ଏପରି ଏକ ସମ୍ପର୍କ ଚାହୁଁଛି ଯାହା ବିବାହରେ ପରିଣତ ହେବ। କିନ୍ତୁ ଏବେ ମୁଁ ବିବାହ ବିଷୟରେ ଆଦୌ ଚିନ୍ତା କରୁନାହିଁ। ମୁଁ ୧୯ ବର୍ଷ ବୟସରେ ନିର୍ବନ୍ଧ କରିଥିଲି। ହେଲେ ପରେ ନିର୍ବନ୍ଧ ଭାଙ୍ଗିଥିଲା। ଏହି ସମୟ ମୋ ପାଇଁ କଷ୍ଟଦାୟକ ଥିଲା। ମୁଁ ଅବସାଦଗ୍ରସ୍ତ ହୋଇଯାଇଥିଲି। ମୋତେ ଡାକ୍ତରଖାନା ?ରେ ଭର୍ତ୍ତି କରାଯିବା ସହ ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ଯାହା ହୋଇଛି ଭଲ ହୋଇଛି। ସେ ଘଟଣା ପାଇଁ ମୁଁ ଦୃଢ଼ ବନିପାରିଛି। ଏବେ ମୋ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ମୁଁ କାହା ସହିତ ସମ୍ପର୍କରେ ନାହିଁ ଏବଂ ସମ୍ପୂର୍ଣ୍ଣ ଏକା।

# ସୁଜି ମସଲା ପିଠା



ପ୍ରଥମେ କିଛି ସୁଜି ଓ କଞ୍ଚା ଆଳୁକୁ ମିଶାଇ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ରାଇଣ୍ଡିଂ କରିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ କରେଇରେ ତେଲ ପକାଇ ଗରମ କରନ୍ତୁ।

ତେଲ ଗରମ ହେବା ପରେ ସେଥିରେ ଗୋଟା ଜିରା ଓ ଭୃସଙ୍ଗ ପତ୍ର ପକାନ୍ତୁ। ପରେ ସେଥିରେ କଟା ପିଆଜ ଓ କଞ୍ଚା ଲଙ୍କା ପକାଇ କିଛି ସମୟ ପାଇଁ ଭାଜନ୍ତୁ। ପରେ ସେଥିରେ କଟା ଗାଜର,କଞ୍ଚା ମଟର ପକାନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ହଳଦୀ ଓ ଲଙ୍କା ଗୁଣ୍ଡ ପକାଇ ତାକୁ ସିଝିବା ପର୍ଯ୍ୟନ୍ତ ଭାଜନ୍ତୁ। ଏହା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗ୍ରାଇଣ୍ଡିଂ କରି ରଖିଥିବା ପିଠଉକୁ ପିଠା ଆକାରରେ ଗଢ଼ନ୍ତୁ। ପିଠା ଦୁଇ ପାର୍ଶ୍ୱ ହୋଇଗଲା ପରେ ତା' ଉପରେ ଟମାଟୋ ସସ୍‌କୁ ଲଗାଇ ଦିଅନ୍ତୁ। ପରେ ସେଥିରେ ରଖିଥିବା ମସଲାକୁ ତା' ଉପରେ ପକାଇ ଦିଅନ୍ତୁ। ପରେ ତା' ଉପରେ ପିଠଉ ପକାଇ ଢାଙ୍କି ଦିଅନ୍ତୁ। କିଛି ସମୟ ଏହାକୁ ସିଝିବାକୁ ଛାଡ଼ି ଦିଅନ୍ତୁ। ଏହା ହୋଇଗଲା ତାକୁ ଏକ ପାତ୍ରକୁ କଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୁଜି ମସଲା ପିଠା। ଏହାକୁ ଆପଣ ଟମାଟୋ ଚଟଣୀ ସହ ଖାଇପାରିବେ।

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar.
Advt.,Circulation & Sales - 94398- 30788, E- mail ID : amarajdhani@gmail.com,

Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and Printed at Mallhar Publications, D-1/1, Mancheswar I.E. Bhubaneswar-751010.
Editor : Rabi Das
ସମ୍ପାଦକ - ରବି ଦାସ